

Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR



+Vol - 22+ Issue No:136+9 September 2026 (Wednesday)+Rourkela + Rs.2.00 + Page -1 +୨୨ ବର୍ଷ +ସଂଖ୍ୟା:୧୩୬+୯ ସେପ୍ଟେମ୍ବର ୨୦୨୬ (ବୁଧବାର)+ ରାଉରକେଲା +ମୂଲ୍ୟ:ଟ.୨.୦୦+ ପୃଷ୍ଠା-୬


# ଆଜି ଚିପ୍ସ ଠାରୁ ଜାହାଜ ପର୍ଯ୍ୟନ୍ତ ସବୁକିଛି ଦେଶରେ ତିଆରି ହେଉଛି



## ପୂର୍ବ ସରକାରରେ ଫାଇଲ ଲଟକୁଥିଲା ହଜିଯାଉଥିଲା : ବର୍ଷିଲେ ପ୍ରଧାନମନ୍ତ୍ରୀ

ଗୁଜରାଟ,୮/୯ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁଜରାଟର ବଡୋଦରାରେ ଗୁଜରାଟ ଏବଂ ମଧ୍ୟପ୍ରଦେଶ ସହିତ ଜଡିତ ୩୫୨୦୦ କୋଟିର ଅନେକ ଗୁରୁତ୍ୱପୂର୍ଣ୍ଣ ବିକାଶ ପ୍ରକଳ୍ପର ଉଦଘାଟନ ଏବଂ ଶିଳାନ୍ୟାସ କରିଛନ୍ତି। ଏହା ସହ ଏହି କାର୍ଯ୍ୟକ୍ରମ ସମୟରେ, ପ୍ରଧାନମନ୍ତ୍ରୀ ମୋଦୀ ୬ ହଜାର ଯୁବବର୍ଗଙ୍କ ଏକ ଗୋଷ୍ଠୀ, ଜେନ୍-ଜିଙ୍କ ସହିତ ଆଲୋଚନା କରି ବିରୋଧୀଙ୍କୁ 'ଫୁଫାଜୀ' ବୋଲି କହି ଟାର୍ଗେଟ କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ଆଜି ମୁଁ ଏକ ବିକଶିତ ଭାରତ ଆଡକୁ ଯାତ୍ରାକୁ ତ୍ୱରାନ୍ୱିତ କରିବାକୁ ଆସିଛି। ଏହି ବିକାଶ ଉତ୍ସବରେ ଆପଣମାନେ ସମସ୍ତେ ଯେଉଁ ସେବା ମନୋଭାବ ସହିତ ସ୍ୱଚ୍ଛତା ଅଭିଯାନ ଆରମ୍ଭ କରିଛନ୍ତି, ତାହା ମୋ ହୃଦୟକୁ ଗର୍ବରେ ଭରି ଦେଉଛି। ସ୍ୱଚ୍ଛତାର ପ୍ରତ୍ୟେକ ପରିବାର ଉପରେ ଗଭୀର ପ୍ରଭାବ ପଡ଼ିଛି। ଲାଲକିଲ୍ଲାରୁ, ମୁଁ ସଂକଳ୍ପର ସାତ ଧାରା ଆହ୍ୱାନ କରିଛି, ଯେଉଁଥିରେ ଗତିର ଶକ୍ତି ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଗତ ବାର ବର୍ଷ ମଧ୍ୟରେ ଦେଶର କାର୍ଯ୍ୟ ସଂସ୍କୃତି କିପରି ପରିବର୍ତ୍ତନ ହୋଇଛି। ଏହି ସମର୍ପିତ ମାଲ ପରିବହନ କରିଡରର ଧାରଣା ୨୦୦୪ ମସିହାରେ ଆରମ୍ଭ ହୋଇଥିଲା। ୨୦୦୬ମସିହାରେ, କାର୍ଯ୍ୟ କରିବା ପାଇଁ ଏକ ସ୍ୱତନ୍ତ୍ର କମ୍ପାନି ଗଠନ କରାଯାଇଥିଲା, ଏବଂ ତା'ପରେ ୨୦୧୪ ପର୍ଯ୍ୟନ୍ତ ଫାଇଲଗୁଡ଼ିକ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଘୁଚି ଚାଲିଥିଲା। ଲଟକି ରହିଥିଲା, ପଡ଼ି ରହିଥିଲା ଏବଂ ଅଟକି ରହିଥିଲା। ୨୦୧୪ରେ ମୁଁ ଗୁଜରାଟରୁ ଦିଲ୍ଲୀ ଗଲି। ସେଠାରେ ପହଚିଂବା ମାତ୍ରେ, ମୁଁ ଏହାକୁ ତ୍ୱରାନ୍ୱିତ କରିବା ପାଇଁ କାମ କରିବା ଆରମ୍ଭ କରିଦେଲି। ଆଜି ଚିପ୍ସ ଠାରୁ ଜାହାଜ ପର୍ଯ୍ୟନ୍ତ ସବୁକିଛି ଦେଶରେ ତିଆରି ହେଉଛି। ଆଜି ୨୮୦୦ କିଲୋମିଟରରୁ ଅଧିକ ଲମ୍ବ ସମର୍ପିତ ମାଲ ପରିବହନ କରିଡର ପ୍ରକଳ୍ପ ସମାପ୍ତ ହୋଇଛି। ଏହା ୨୧ ଶତାବ୍ଦୀର ଭାରତ ପାଇଁ ଏକ ଅତ୍ୟନ୍ତ ଐତିହାସିକ କାର୍ଯ୍ୟ। ଏହି ସମର୍ପିତ ମାଲ ପରିବହନ କରିଡର ଗତ ୧୨ ବର୍ଷ ମଧ୍ୟରେ ଦେଶର କାର୍ଯ୍ୟ ସଂସ୍କୃତି କିପରି ପରିବର୍ତ୍ତନ ହୋଇଛି ତାହାର ସାକ୍ଷୀ। ୨୦୧୪ ମସିହାରୁ ଭାରତ ୫୦ ହଜାର ଆଧୁନିକ ରେଳ କୋଚ୍ ନିର୍ମାଣ କରିଛି। ପ୍ରଧାନମନ୍ତ୍ରୀ ରାହୁଲ ଗାନ୍ଧୀଙ୍କ ନାମ ନ ନେଇ ତାଙ୍କୁ କଡ଼ା ସମାଲୋଚନା କରି କହିଛନ୍ତି, ଯେଉଁମାନେ ମିଛ ଗୁଜ୍ଜ ଦେଇ ପ୍ରତାରଣା କରନ୍ତି, ସେମାନଙ୍କୁ ପ୍ରତ୍ୟେକ ଛକରେ ଦେଖିବାକୁ ମିଳିବ।


ଆବଶ୍ୟକ

ଉତ୍କଳ ସମାଚାର

The Utkal Samachar

www.theutkalsamachar.com

ଦୈନିକ 'ଉତ୍କଳ ସମାଚାର'ର ସମସ୍ତ ଜିଲ୍ଲା ପାଇଁ: ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No-B/204, Sec-16,Rourkela,

Mob:9692048008

Email: utkalsamachar@gmail.com


# ଭାରତ ବିଶ୍ୱ ୬-ଜି ଦୌଡ଼ରେ ସାମିଲ :

## ଆମେରିକା ସମେତ ୨୪ ଦେଶ ସହିତ ମିଳାଇଲା ହାତ




ୱାସିଂଟନ,୮/୯ : ଆମେରିକାର ବାଣିଜ୍ୟ ବିଭାଗ କହିଛି, ଭାରତ ପରବର୍ତ୍ତୀ ପିଢ଼ିର ୬-ଜି ଦୂରସଂଚାର ନେଟୱାର୍କର ବିକାଶ ଏବଂ ନିୟୋଜନ ପାଇଁ ଏକ ବିଶ୍ୱସ୍ତରୀୟ ପଦକ୍ଷେପରେ ଆମେରିକା ଏବଂ ଅନ୍ୟ ୨୪ଟି ଦେଶ ସହିତ ଯୋଗ ଦେଇଛି। ଭାରତ ଜ୍ଞାନକୌଶଳକୁ ସୁଦୃଢ଼ କରିବା ଏବଂ ନବସୃଜନକୁ ପ୍ରୋତ୍ସାହିତ କରିବା ପାଇଁ ଆମ ସହିତ ସାମିଲ ହୋଇଛି। ବାଣିଜ୍ୟ ବିଭାଗ, ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟରେ କହିଛି, ଆମେରିକାର ଉତ୍ତର କାରୋଲିନାର ଚାପେଲ ହିଲରେ ଅନୁଷ୍ଠିତ ଜି-୨୦ ନବସୃଜନ ମନ୍ତ୍ରୀସ୍ତରୀୟ ବୈଠକ ଅବସରରେ ଆମେରିକାର ବାଣିଜ୍ୟ ସଚିବ ହାୱାର୍ଡ ଲୁଟନିକ୍ ଏବଂ ଭାରତର କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ଜିତିନ୍ ପ୍ରସାଦଙ୍କ ମଧ୍ୟରେ ଏକ ଦ୍ୱିପାକ୍ଷିକ ଚୁକ୍ତିନାମା ହୋଇଛି। ବୈଠକରେ ଭାରତ ୬-ଜି ଟେଲିକମ୍ୟୁନିକେସନ୍ ନେଟୱାର୍କ ବିକାଶ ଏବଂ ନିୟୋଜିତ କରିବା ପାଇଁ ବିଶ୍ୱସ୍ତରୀୟ ପଦକ୍ଷେପରେ ଯୋଗ ଦେଇଛି। ଏହି ବୈଠକ ଆମେରିକାର ବାଣିଜ୍ୟ ବିଭାଗ ଏବଂ ହ୍ୱାଇଟ୍ ହାଉସ୍ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ନୀତି କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ହୋଇଥିଲା। ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରଣାଳୟ ଅନୁଯାୟୀ, ଜିତିନ ପ୍ରସାଦଙ୍କ ସହିତ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟର ଯୁଗ୍ମ ସଚିବ ଅଜିତ କୁମାର, ବିଜ୍ଞାନ ଏବଂ ପ୍ରଯୁକ୍ତି ବିଭାଗ, ଶିଳ୍ପ ଏବଂ ଆଭ୍ୟନ୍ତରୀଣ ବାଣିଜ୍ୟ ପ୍ରୋତ୍ସାହନ ବିଭାଗର ବରିଷ୍ଠ ଅଧିକାରୀମାନେ ତଥା ଆମେରିକାରେ ଭାରତୀୟ ଦୂତାବାସର ଅଧିକାରୀମାନେ ଉପସ୍ଥିତ ଥିଲେ। ମନ୍ତ୍ରୀସ୍ତରୀୟ ବୈଠକର ଶେଷରେ, ଜି-୨୦ ମନ୍ତ୍ରୀମାନେ ନବସୃଜନ ମନ୍ତ୍ରୀସ୍ତରୀୟ ବିବୃତି ଜାରି କରି ସ୍ୱୀକାର କରିଥିଲେ, ଆଗାମୀ ଦିନରେ ଉଦୀୟମାନ ପ୍ରଯୁକ୍ତିବିଦ୍ୟାରେ ଉନ୍ନତି ଆଣିବା, ଉତ୍ପାଦକତା ବୃଦ୍ଧି କରିବା ଏବଂ ସମସ୍ତ ଲୋକଙ୍କ ପାଇଁ ସୁଯୋଗ ବିସ୍ତାର କରିବାର ସମ୍ଭାବନା ରହିଛି। ଦ୍ୱିପାକ୍ଷିକ ଆଲୋଚନାରେ, ଉଭୟ ପକ୍ଷ ସେମିକଣ୍ଡକ୍ଟର, ଏଆଇ ଏବଂ ଡାଟା ସେଂଟରରେ ସହଯୋଗକୁ ସୁଦୃଢ଼ କରିବା ଉପରେ ମତ ବିନିମୟ କରିଥିଲେ। ବୈଠକରେ, ଜିତିନ ପ୍ରସାଦ ଏସଏମ-୨.୦ରେ ଅଧିକ ଆମେରିକୀୟ ନିବେଶର ସମ୍ଭାବନାକୁ ପ୍ରୋତ୍ସାହିତ କରିଥିଲେ, ଏଆଇ ପ୍ରଯୁକ୍ତି ସହଭାଗୀତାକୁ ସୁଦୃଢ଼ କରିବା ପାଇଁ ପ୍ରସ୍ତାବ ଦେଇଥିଲେ ଏବଂ ଏଆଇ ପାଇଁ ସୁରକ୍ଷା ପାଇଁ ଏକ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିତିନ ପ୍ରସାଦ କହିଥିଲେ, ଭାରତ ପରି ଏକ ଉଦୀୟମାନ ଡିଜିଟାଲ ଅର୍ଥନୀତିର ଅତ୍ୟାବଶ୍ୟକ ନିର୍ମାଣକାରୀ ଅଂଶ ହେଉଛି ସେମିକଣ୍ଡକ୍ଟର ଏବଂ ଏଆଇ ଡାଟା ସେଂଟର। ଉଭୟ ପକ୍ଷ ବ୍ୟବହାରିକ ସହଯୋଗକୁ ଆହୁରି ଗଭୀର କରିବା ପାଇଁ ଆଲୋଚନା କରିଛନ୍ତି।

# ସେନାର ଅତ୍ୟାଧୁନିକୀକରଣ ପାଇଁ ୧.୧୦ ଲକ୍ଷ କୋଟି ଟଙ୍କାର ପ୍ରସ୍ତାବକୁ ମଞ୍ଜୁରୀ



ନୂଆଦିଲ୍ଲୀ,୮/୯ : ଭାରତୀୟ ସ୍ଥଳସେନା, ନୌସେନା ଓ ବାୟୁସେନାର ଯୁଦ୍ଧ କ୍ଷମତା ଏବଂ ପ୍ରତିରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ (ଡିଏସି) ପକ୍ଷରୁ ପ୍ରାୟ ୧.୧୦ ଲକ୍ଷ କୋଟି ଟଙ୍କାର ବିଭିନ୍ନ କ୍ରୟ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଦେଶର ତିନି ସେନା ବାହିନୀ ପାଇଁ ଆବଶ୍ୟକୀୟ ଅତ୍ୟାଧୁନିକ ସାମରିକ ସରଞ୍ଜାମ କ୍ରୟ ନେଇ ସବୁଜ ସଙ୍କେତ ଦିଆଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଅନୁମୋଦିତ ମୋଟ କ୍ରୟ ପ୍ରସ୍ତାବର ପାଖାପାଖି ୯୮ ପ୍ରତିଶତ ସାମଗ୍ରୀ ଭାରତୀୟ ଉଦ୍ୟୋଗଗୁଡ଼ିକରୁ ସଂଗ୍ରହ କରାଯିବ, ଯାହା ଦେଶର ଘରୋଇ ପ୍ରତିରକ୍ଷା ନିର୍ମାଣ କ୍ଷେତ୍ର ''ଆତ୍ମନିର୍ଭର ଭାରତ''କୁ ଏକ ବଡ଼ ପ୍ରୋତ୍ସାହନ ଯୋଗାଇବ। ଭାରତୀୟ ସ୍ଥଳସେନା ପାଇଁ ''ସିବିଆରଏନ୍'' ରେକନାଇସାନ୍ସ ଭେହିକିଲ୍, ହାଇ ମୋବିଲିଟି ଭେହିକିଲ୍, ସେଲ୍ଫ-ପ୍ରୋପେଲ୍ଡ ମେକାନିକାଲ୍ ମାଇନ୍ ଲେୟାର, ଆଡଭାନ୍ସଡ୍ ଲାଇଟ୍ ହେଲିକପ୍ଟର, ଟ୍ରଲ୍ ଟ୍ୟାଙ୍କ ଏବଂ ''ସର୍ବତ୍ର'' ବ୍ରିଜ୍ ସିଷ୍ଟମ କ୍ରୟ ପାଇଁ ମଞ୍ଜୁରୀ ମିଳିଛି। ସିବିଆରଏନ୍ ଗାଡ଼ିଗୁଡ଼ିକ ରାସାୟନିକ, ଜୈବିକ, ବିକିରଣ ଏବଂ ପରମାଣୁ ପ୍ରଦୂଷିତ ଅଂଚଳଗୁଡ଼ିକୁ ଚିହ୍ନଟ ଓ ନଜର ରଖିବାରେ ସାହାଯ୍ୟ କରିବ। ସେହିପରି ମାଇନ୍ ଲେୟାର ଏବଂ ସର୍ବତ୍ର ବ୍ରିଜ୍ ସିଷ୍ଟମ୍ ଦୁର୍ଗମ ସୀମାନ୍ତ ଅଂଚଳରେ ସେନାର ଗତିବିଧି ଓ ଯୁଦ୍ଧ କୌଶଳକୁ ଅଧିକ କ୍ରିୟାଶୀଳ କରିବ। ନୌସେନା ପାଇଁ ବାୟୁସେନା ଘାଟିରେ ମୁତୟନ ପୁରୁଣା ସିଷ୍ଟମ୍ ବଦଳରେ ଅତ୍ୟାଧୁନିକ ''ଆରୁଦ୍ର'' ରାଡାର ଏବଂ ସ୍ୱଦେଶୀ ମେରାଇନ୍ ଗ୍ୟାସ୍ ଟର୍ବାଇନ୍ ର ନିର୍ମାଣ ଓ କ୍ରୟ ପ୍ରସ୍ତାବକୁ ଅନୁମୋଦନ ମିଳିଛି, ଯାହା ଯୁଦ୍ଧପୋତ ଚାଳନା କ୍ଷେତ୍ରରେ ବିଦେଶୀ ନିର୍ଭରଶୀଳତା ହ୍ରାସ କରିବ। ଅପରପକ୍ଷରେ, ବାୟୁସେନାର ଯୁଦ୍ଧବିମାନ, ପରିବହନ ବିମାନ ଓ ହେଲିକପ୍ଟର କ୍ଷମତା ବୃଦ୍ଧି ସହ ଶତ୍ରୁପକ୍ଷର ରାଡାର ନେଟୱର୍କକୁ ନିଷ୍କ୍ରିୟ କରିବା ପାଇଁ ''ଗ୍ରାଉଣ୍ଡ-ବେସଡ୍ ମଲ୍ଟି-ପର୍ପସ୍ ଜାମର'' ଏବଂ ସୁରକ୍ଷିତ ପ୍ରବେଶ ପାଇଁ ସ୍ମାର୍ଟକାର୍ଡ-ଆଧାରିତ ସିଷ୍ଟମ୍ ଲାଗୁ କରିବାକୁ ନିଷ୍ପତି ନିଆଯାଇଛି।

# ଓଡ଼ିଶା ଜନ ବିଶ୍ୱାସ ବିଲ୍‌କୁ କ୍ୟାବିନେଟ୍ ଅନୁମୋଦନ



ଭୁବନେଶ୍ୱର,୮/୯(ନି/ପ୍ର) : ରାଜ୍ୟରେ ବିଶ୍ୱାସଭିତିକ ଶାସନକୁ ସୁଦୃଢ଼ କରିବା ପାଇଁ ନିୟାମକ ସଂସ୍କାରର ଦ୍ୱିତୀୟ ତଥା ବ୍ୟାପକ ପର୍ଯ୍ୟାୟକୁ ତର୍ଜମା କରି 'ଓଡ଼ିଶା ଜନବିଶ୍ୱାସ ବିଲ୍, ୨୦୨୬'କୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ଦେଇଛନ୍ତି। ସେହିପରି, ଜଳସମ୍ପଦ ବିଭାଗର ନୂତନ ଐତିହ୍ୟ ଓ ପର୍ଯ୍ୟଟନଭିତ୍ତିକ 'ବୋଇତ' ଯୋଜନାକୁ ମଧ୍ୟ କ୍ୟାବିନେଟ୍ ? ମଞ୍ଜୁର କରିଛନ୍ତି। ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ୧୮ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ୧୨ଟି ବିଭାଗର ୧୮ଟି ପ୍ରସ୍ତାବ ଉପରେ କ୍ୟାବିନେଟ୍ ମୋହର ମାରିଛି। ବୈଠକ ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କ୍ୟାବିନେଟ ବୈଠକର ପ୍ରମୁଖ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ 'ଓଡ଼ିଶା ଜନ ବିଶ୍ୱାସ ବିଲ୍, ୨୦୨୬' ମାଧ୍ୟମରେ ୧୧ଟି ସରକାରୀ ବିଭାଗ ଦ୍ୱାରା ପରିଚାଳିତ ୧୬ଟି ରାଜ୍ୟ ଆଇନର ୬୨ଟି ବ୍ୟବସ୍ଥାରେ ସଂଶୋଧନ କରାଯିବାର ପ୍ରସ୍ତାବ ରହିଛି। ବିଲ୍‌କୁ ଦୁଇଟି ସୂଚୀରେ ବିଭକ୍ତ କରାଯାଇଛି। ପ୍ରଥମ ଅନୁସୂଚୀରେ ୧୧ଟି ଆଇନର ୩୫ଟି ସଂଶୋଧନ କରାଯାଇ କ୍ଷୁଦ୍ର, ବୈଷୟିକ ଏବଂ ପ୍ରକ୍ରିୟାଗତ ଅପରାଧଗୁଡ଼ିକୁ ଅପରାଧମୁକ୍ତ କରାଯିବା ସହ ଜେଲଦଣ୍ଡ ବଦଳରେ କେବଳ ସମାନୁପାତିକ ଆର୍ଥିକ ଜୋରିମାନାର ବ୍ୟବସ୍ଥା କରାଯାଇଛି। ସେହିପରି ଦ୍ୱିତୀୟ ଅନୁସୂଚୀରେ ୫ଟି ଆଇନରେ ୨୭ଟି ସଂଶୋଧନ କରାଯାଇ ଲାଇସେନ୍ସ ପ୍ରଦାନ ଓ ନିୟାମକ ବ୍ୟବସ୍ଥାକୁ ଅଧିକ ସରଳ କରାଯାଇଛି। ଏହାଦ୍ୱାରା ଲାଇସେନ୍ସର ବୈଧତା ଅବଧି ବୃଦ୍ଧି ପାଇବା ସହ ନବୀକରଣ (ରିନ୍ୟୁଆଲ୍) ପ୍ରକ୍ରିୟା ହ୍ରାସ ପାଇବ। ପୌର ଓ ସ୍ଥାନୀୟ ସଂସ୍ଥାଗୁଡ଼ିକରୁ ବାଣିଜ୍ୟ ଲାଇସେନ୍ସ ପାଇଥିବା ବ୍ୟବସାୟୀଙ୍କୁ ଅନ୍ୟ ବିଭାଗରୁ ଆଉ ଡୁପ୍ଲିକେଟ୍ ଲାଇସେନ୍ସ ନେବାର ଆବଶ୍ୟକତା ପଡ଼ିବ ନାହିଁ। ଏହି ସଂସ୍କାର ଫଳରେ ନିବେଶକ ଓ ସାଧାରଣ ନାଗରିକଙ୍କ ଉପରୁ ଅଯଥା ଆଇନଗତ ବୋଝ ତଥା ପ୍ରକ୍ରିୟାଗତ ବିଳମ୍ବ ହ୍ରାସ ପାଇବ ଏବଂ ପ୍ରଶାସନିକ ଦକ୍ଷତା ବୃଦ୍ଧି ପାଇବ ବୋଲି ସରକାର ଲକ୍ଷ୍ୟ ରଖିଛନ୍ତି। କୃଷି ବଜାର ଲାଇସେନ୍ସର ବର୍ଦ୍ଧିତ ବୈଧତା, ଗ୍ରାମ ପଚାଂ,୮/୯ୟତ ଲାଇସେନ୍ସ ଆବଶ୍ୟକତାକୁ ଯୁକ୍ତିଯୁକ୍ତ କରିବା ଏବଂ ନାମ ବୋର୍ଡ, ସାର୍ବଜନୀନ-ରାସ୍ତା କାର୍ଯ୍ୟ ଏବଂ ନିର୍ଦ୍ଦିଷ୍ଟ ଅସ୍ଥାୟୀ ବାଣିଜ୍ୟିକ କାର୍ଯ୍ୟକଳାପ ପାଇଁ ସରଳୀକୃତ ଅନୁମତି ଭଳି ପଦକ୍ଷେପ ମାଧ୍ୟମରେ ବ୍ୟବସାୟ ପାଇଁ ନିୟାମକ ସରଳୀକରଣ କରାଯାଇପାରିବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ବୈଠକରେ ଜଳ ସମ୍ପଦ ବିଭାଗର ଏକ ଅଭିନବ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁର ମିଳିଛି। ଓଡ଼ିଶାର ଐତିହାସିକ, ସାଂସ୍କୃତିକ ଏବଂ ଇଞ୍ଜିନିୟରିଂ ଐତିହ୍ୟକୁ ଉଜ୍ଜୀବିତ କରିବା ଉଦ୍ଦେଶ୍ୟରେ ରାଜ୍ୟର ଜଳସେଚନ ପ୍ରକଳ୍ପଗୁଡ଼ିକରେ ପର୍ଯ୍ୟଟନର ବିକାଶ ପାଇଁ ସରକାର ନୂତନ 'ବୋଇତ' ଯୋଜନାକୁ ଅନୁମୋଦନ କରିଛନ୍ତି। ଏହି ପ୍ରକଳ୍ପ ପାଇଁ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ୬୫୦ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। ଆସନ୍ତା ୨୦୨୬-୨୭ ଆର୍ଥିକ ବର୍ଷରୁ ୨୦୩୦-୩୧ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଅର୍ଥାତ୍ ୫ ବର୍ଷ ଧରି କାର୍ଯ୍ୟକାରୀ ହେବ। ଏହି ଯୋଜନାରେ ବ୍ରିଟିଶ ଶାସନ କାଳ ଓ ସ୍ୱାଧୀନତା ପରବର୍ତ୍ତୀ ପ୍ରାରମ୍ଭିକ ସମୟରେ ନିର୍ମିତ ଐତିହାସିକ ଜଳସେଚନ ସଂରଚନାଗୁଡ଼ିକର ସଂରକ୍ଷଣ ଏବଂ ପୁନରୁଦ୍ଧାର କରାଯିବ। ପ୍ରାଚୀନ କୋଠାବାଡ଼ିଗୁଡ଼ିକର ପୁନଃବ୍ୟବହାର, ମୂଳ ଜଳ ପ୍ରଣାଳୀର ସ୍ଥିରୀକରଣ ଏବଂ ପାରମ୍ପରିକ ଜଳ ପରିଚାଳନା ବ୍ୟବସ୍ଥାର ପ୍ରଦର୍ଶନ ଏହାର ମୂଳଲକ୍ଷ୍ୟ। ଏହି ଐତିହ୍ୟ ଭିତିଭୂମିର ବିକାଶ ମାଧ୍ୟମରେ ସ୍ଥାନୀୟ ଅଂଚଳରେ ନୂତନ ସାମାଜିକ ଓ ଆର୍ଥିକ ସୁଯୋଗ ସୃଷ୍ଟି ହେବା ସହ ଓଡ଼ିଶାର ଗୌରବମୟ ନୌବାଣିଜ୍ୟ ପରମ୍ପରା ଏବଂ ପରିଚୟ ବିଶ୍ୱ ଦରବାରରେ ପହଚିଂ ପାରିବ ବୋଲି ଆଶା କରାଯାଉଛି।

# ମୁଖ୍ୟମନ୍ତ୍ରୀଙ୍କ ୫ ଦିନିଆ ୟୁଏଇ ଗସ୍ତ, ଦୁବାଇରେ ଇନଭେଷ୍ଟର୍ସ ମିଟ୍

ଭୁବନେଶ୍ୱର,୮/୯(ନି/ପ୍ର) : ଆଜିଠୁ ୫ ଦିନିଆ ୟୁଏଇ ଗସ୍ତରେ ଯିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶାକୁ ପୁଞ୍ଜି ଆକର୍ଷଣ ପାଇଁ ବିଭିନ୍ନ ନିବେଶକ ଓ ଶିଳ୍ପପତିଙ୍କ ସହିତ ଆଲୋଚନା କରିବେ । ଏହାସହିତ ପ୍ରବାସୀ ଓଡ଼ିଆଙ୍କୁ ସମ୍ବୋଧନ କରି ଓଡ଼ିଶାର ବିକାଶମୂଳକ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିବା କାର୍ଯ୍ୟକ୍ରମ ରହିଛି । ଆଜି ମୁଖ୍ୟମନ୍ତ୍ରୀ ପ୍ରଥମେ ନୂଆଦିଲ୍ଲୀ ଯାଇ ସେଠାରୁ ଆବୁଧାବି ଯିବେ। ୯ ତାରିଖ ଅର୍ଥାତ୍ ଆସନ୍ତାକାଲି ବିଶ୍ୱସ୍ତରୀୟ କମ୍ପାନୀର ପ୍ରମୁଖ ନେତୃତ୍ୱ ଓ ଅଧିକାରୀମାନଙ୍କ ସହିତ ଆଲୋଚନା କରିବେ। କାଲି ସନ୍ଧ୍ୟାରେ ଦୁବାଇରେ ୱାନ ଡିଷ୍ଟ୍ରିକ ୱାନ ପ୍ରଡକ୍ଟ କାର୍ଯ୍ୟକ୍ରମ ଅଧିନରେ ଓଡ଼ିଶାରେ ଉତ୍ପାଦିତ ବିଭିନ୍ନ ଦ୍ରବ୍ୟର ଏକ ପ୍ରଦର୍ଶନୀ ଉଦଘାଟନ କରିବେ । ୧୦ ତାରିଖ ଦିନ ଟଇର ର ଅର୍ଥନୀତି ତଥା ପର୍ଯ୍ୟଟନ ମନ୍ତ୍ରୀ ଓ କାଉନ୍‌ସିଲ ଅଫ୍ ଇଂଟରନ୍ୟାସନାଲ ଇନ୍‌ଭେଷ୍ଟମେଂଟସର ଅଧ୍ୟକ୍ଷ ଅବଦୁଲ୍ଲା ବିନ୍ ତକ୍ ଅଲ୍ ମାରିଙ୍କ ସହ ସାକ୍ଷାତ କାର୍ଯ୍ୟକ୍ରମ ରହିଛି।

# ବଢ଼ିବନି ଧାନ ପଞ୍ଜୀକରଣ ଅବଧି

## ୬ ସୁଦ୍ଧା ୨୧.୪୨ ଲକ୍ଷ ଚାଷୀ ପଞ୍ଜିକୃତ : ସମବାୟ ମନ୍ତ୍ରୀ



ଭୁବନେଶ୍ୱର,୮/୯(ନି/ପ୍ର) : ଆଉ ବଢ଼ିବନି ଧାନ ପଞ୍ଜୀକରଣ ଅବଧି। ଚଳିତ ବର୍ଷ ରେକର୍ଡ ସଂଖ୍ୟକ ଚାଷୀ ପଞ୍ଜୀକରଣ କରିଛନ୍ତି। ଗତ ବର୍ଷ ୧୯ ଲକ୍ଷ ୬୭ ହଜାର ଚାଷୀ ପଞ୍ଜୀକରଣ କରିଥିବାବେଳେ ଚଳିତ ବର୍ଷ ୬ ତାରିଖ ସୁଦ୍ଧା ୨୧.୪୨ ଲକ୍ଷ ଚାଷୀ ପଞ୍ଜୀକରଣ କରିସାରିଲେଣି। ତେଣୁ ପଞ୍ଜୀକରଣ ଅବଧି ଆଉ ବୃଦ୍ଧି କରାଯିବ ନାହିଁ ବୋଲି କହିଛନ୍ତି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ। ମନ୍ତ୍ରୀ କହିଛନ୍ତି ଯେ, ଲଗାଣ ବର୍ଷା ଯୋଗୁଁ ପଞ୍ଜୀକରଣରେ ସମସ୍ୟା ଦେଖା ଦେଇଥିଲା। ତେଣୁ ପୂର୍ବରୁ ସରକାର ଧାନ ବିକ୍ରି ପାଇଁ ପଞ୍ଜୀକରଣ ଅବଧିକୁ ୭ ଦିନ ବୃଦ୍ଧି କରିଥିଲେ। ଚଳିତ ବର୍ଷ ରେକର୍ଡ ସଂଖ୍ୟକ ଚାଷୀ ପଞ୍ଜୀକରଣ କରିଥିବାରୁ ଧାନ କିଣା ପ୍ରକ୍ରିୟାକୁ ସୁବ୍ୟବସ୍ଥିତ ଓ ସ୍ୱଚ୍ଛ ଭାବେ ପରିଚାଳନା କରିବା ସରକାରଙ୍କ ପାଇଁ ଏବେ ଗୁରୁତ୍ୱପୂର୍ଣ୍ଣ ହେବ। ୭ ତାରିଖ ରାତି ଗୋଟାଏ ଯାଏ ଚାଷୀ ଚାହିଁଲେ ପଞ୍ଜୀକରଣ କରିପାରିବେ ବୋଲି ମନ୍ତ୍ରୀ କହିଛନ୍ତି। ଏହା ସହ ଆମ ସରକାର ସବୁବେଳେ ଚାଷୀଙ୍କ ହିତରେ ଅଛନ୍ତି। ବିରୋଧୀ କ'ଣ ପାଇଁ ପଞ୍ଜୀକରଣ ନାଁରେ ଆନ୍ଦୋଳନ ପାଇଁ ଧମକ ଦେଉଛନ୍ତି ତା'ର ଉତର ସେମାନଙ୍କ ପାଖରେ ଥିବ। କେବଳ ଧାନ ନୁହେଁ, ଆମ ସରକାର ଚାଷୀଙ୍କୁ ସାର ମଧ୍ୟ ଯୋଗାଇ ଦେବାରେ ଅବହେଳା କରିନାହାନ୍ତି। ସରକାରଙ୍କ ପାଖରେ ୨୪ ହଜାର ୪୦୦ ଟନ୍ ସାର ଗଚ୍ଛିତ ରହିଛି। ଅବହେଳା ହେଲେ ଡିଲରଙ୍କୁ ନିଲମ୍ବନ କରାଯାଉଛି। ଲାଇସେନ୍ସ ରଦ୍ଦ କରାଯାଉଛି ବୋଲି କହିଛନ୍ତି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ।

# ବିଦ୍ୟୁତ୍ ଆଘାତରେ ଚାଲିଗଲେ ମା'-ଝିଅ

## ଚିକିତ୍ସା ଅବହେଳା ଅଭିଯୋଗରେ ଜିଲ୍ଲାପାଳଙ୍କ ଅଫିସ ଘେରାଉ

ଭବାନୀପାଟଣା,୮/୯(ନି/ପ୍ର) : ମା'ର ଜୀବନ ବଚାଂଇବାକୁ ଯାଇ ଝିଅ ହାରିଦେଲା ନିଜ ଜୀବନ । ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମା' ଓ ଝିଅ ଉଭୟଙ୍କ ମୃତ୍ୟୁ ଘଟିଛି । ଠିକ୍ ସମୟରେ ଆମ୍ବୁଲାନ୍ସ ନପହଚିଂବା ଏବଂ ଡାକ୍ତରଖାନାରେ ଚିକିତ୍ସା ଅବହେଳା ଯୋଗୁଁ ଏହି ଅଘଟଣ ଘଟିଥିବା ଅଭିଯୋଗ ହୋଇଛି । କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ କର୍ଲାଶୋଡା ଗ୍ରାମରେ ଏଭଳି ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି । ସୂଚନା ଅନୁଯାୟୀ, କର୍ଲାଶୋଡା ଗ୍ରାମର ଲଳିତା ନାଏକ ଅସାବଧାନତା ଯୋଗୁଁ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯାଇଥିଲେ । ମା'କୁ ଉଦ୍ଧାର କରିବାକୁ ଯାଇ ଝିଅ ଶୀତଳ ନାଏକ ମଧ୍ୟ ବିଦ୍ୟୁତ୍ ଆଘାତର ଶିକାର ହୋଇଥିଲେ । ଗ୍ରାମବାସୀ ଓ ପରିବାର ଲୋକେ ତୁରନ୍ତ ଉଭୟଙ୍କୁ ରକ୍ଷା କରି ଚିକିତ୍ସା ପାଇଁ ଆମ୍ବୁଲାନ୍ସକୁ ଖବର ଦେଇଥିଲେ । ମାତ୍ର ଦୀର୍ଘ ସମୟ ଧରି ଆମ୍ବୁଲାନ୍ସ ନପହଚିଂବାରୁ ପରିବାର ଲୋକେ ଏକ ଅଟୋରିକ୍ସା ଯୋଗେ ମା' ଓ ଝିଅଙ୍କୁ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତି କରିଥିଲେ । ସେପଟେ ଡାକ୍ତରଖାନାରେ ପହଚିଂବା ପରେ ମଧ୍ୟ ଉଚିତ୍ ସମୟରେ ଉପଯୁକ୍ତ ଚିକିତ୍ସା ମିଳିନଥିଲା । ଚିକିତ୍ସାରେ ଅବହେଳା କାରଣରୁ ଉଭୟ ମା' ଓ ଝିଅ ଆଖି ବୁଜିଥିଲେ । ଏହି ଘଟଣା ପରେ ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇଥିଲା । ଉତ୍ତ୍ୟକ୍ତ ପରିବାରବର୍ଗ ଓ ଗ୍ରାମବାସୀ ନ୍ୟାୟ ଦାବିରେ ଦୁଇ ମୃତଦେହକୁ କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରଖି ଘେରାଉ କରିଛନ୍ତି ।

# ଚୀନରେ ପ୍ରକୃତିର କରାଳ ରୂପ, ଭୂସ୍ଖଳନରେ ୬ ମୃତ



ଚୀନ,୮/୯ : ଚୀନରେ ପ୍ରକୃତିର କରାଳ ରୂପ ଦେଖିବାକୁ ମିଳିଛି । ଘୂର୍ଣ୍ଣିଝଡ଼ 'ସୌଦେଲ୍' ପ୍ରଭାବରେ ସୃଷ୍ଟି ହୋଇଥିବା ପ୍ରବଳ ବର୍ଷା ଓ ପରବର୍ତୀ ଭୂସ୍ଖଳନ ଯୋଗୁଁ ଚୀନରେ ବ୍ୟାପକ ଧନଜୀବନ ହାନି ଘଟିଛି । ଏହି ପ୍ରଳୟଙ୍କରୀ ବିପର୍ଯ୍ୟୟରେ ବର୍ତମାନ ସୁଦ୍ଧା ୬ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୯ ଜଣ ନିଖୋଜ ଥିବା ସୂଚନା ମିଳିଛି । ଗତ ଶନିବାର ଜିଆଙ୍ଗସି ପ୍ରଦେଶର ମିଙ୍ଗକେଙ୍ଗ ଗ୍ରାମରେ ମଡସ୍ଲାଇଡ୍ ଯୋଗୁଁ ୫ ଜଣଙ୍କର ମୃତ୍ୟୁ ଘଟିଥିଲା। ଆଜି ପୁଣି ପୂର୍ବ ଚୀନର ବିଭିନ୍ନ ସ୍ଥାନରେ ଭୂସ୍ଖଳନ ଘଟି ଆଉ ୬ ଜଣଙ୍କର ଜୀବନ ଯାଇଛି। ସେହିପରି ନିକଟସ୍ଥ କ୍ୱଓଆନ୍ ଓ ତାଙ୍ଗହୁ ସହରରେ ଅନ୍ୟ ଏକ ଭୂସ୍ଖଳନରେ ଜଣଙ୍କର ମୃତଦେହ ଉଦ୍ଧାର କରାଯାଇଥିବା ବେଳେ ୨ ଜଣ ଏବେ ବି ନିଖୋଜ ଅଛନ୍ତି। ଗତ ମାସ ଶେଷ ଆଡ଼କୁ ଚୀନର ପୂର୍ବ ଉପକୂଳରେ ସ୍ଥଳଭାଗ ଛୁଇଁଥିବା ଘୂର୍ଣ୍ଣିଝଡ଼ 'ସୌଦେଲ୍' ଯୋଗୁଁ କ୍ରମାଗତ ଅତି ପ୍ରବଳ ବର୍ଷା ଜାରି ରହିଛି। ଏହି ପ୍ରାକୃତିକ ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି ଅନେକ ସହରରେ ସ୍କୁଲ, କଲେଜ, ସରକାରୀ କାର୍ଯ୍ୟାଳୟ ଏବଂ ପରିବହନ ସେବାକୁ ସମ୍ପୂର୍ଣ୍ଣ ବନ୍ଦ ରଖାଯାଇଛି। ମିଙ୍ଗକେଙ୍ଗ ଗ୍ରାମରେ ଭୂସ୍ଖଳନ ଯୋଗୁଁ ବହୁ ଘରଦ୍ୱାର ଭାଙ୍ଗିରୁଜି ମାଟିରେ ମିଶି ଯାଇଥିବା ବେଳେ ରାସ୍ତାଘାଟ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ପ୍ରଶାସନ ପକ୍ଷରୁ ଉଦ୍ଧାର କାର୍ଯ୍ୟକୁ ବେଶ୍ ଜୋରଦାର କରାଯାଇଛି। ନିଖୋଜ ଲୋକଙ୍କୁ ଖୋଜିବା ପାଇଁ ଘଟଣାସ୍ଥଳରେ ୧୭୦ରୁ ଉର୍ଦ୍ଧ୍ୱ ଉଦ୍ଧାରକାରୀ ଦଳ ନିୟୋଜିତ ହୋଇଛନ୍ତି ।




# କେନ୍ଦୁଝର ସମାଚାର

A.R. KHAN

ARNMEDIA COMPLEX, New Market, Keonjhar

(Near Collectorate, Dist. Keonjhar, Phone / Fax: (06767) 255016

Email: utkalsamachar@gmail.com, Mob: 9437086122


## କେନ୍ଦୁଝର ଜିଲ୍ଲାପାଳ ସାଂସ୍କୃତିକ କ୍ଲବ୍‌ର ବ୍ୟାଡ଼ମିଂଟନ ଟୁର୍ଣ୍ଣାମେଣ୍ଟ




କେନ୍ଦୁଝର,୮/୯(ନି/ପ୍ର): ଜିଲ୍ଲା ପ୍ରଶାସନର ଅଧିକାରୀ ଓ କର୍ମଚାରୀମାନଙ୍କ ମଧ୍ୟରେ କ୍ରୀଡ଼ାବିତ୍ ମନୋଭାବ, ସହଯୋଗିତା ଏବଂ ସୁସ୍ଥ କାର୍ଯ୍ୟ ପରିବେଶ ସୃଷ୍ଟି କରିବା ଉଦ୍ଦେଶ୍ୟରେ 'କେନ୍ଦୁଝର ଜିଲ୍ଲାପାଳ କାର୍ଯ୍ୟାଳୟ ସାଂସ୍କୃତିକ କ୍ଲବ୍' ପକ୍ଷରୁ ଏକ ବ୍ୟାଡମିଂଟନ ଟୁର୍ଣ୍ଣାମେଣ୍ଟ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟରେ ମହିଳା ସିଙ୍ଗଲ୍ସ ଏବଂ ପୁରୁଷ ଡବଲ୍ସ ବିଭାଗରେ ପ୍ରତିଯୋଗୀମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । ଏହା ଅଧିକାରୀ ଓ କର୍ମଚାରୀମାନଙ୍କୁ ସେମାନଙ୍କ କ୍ରୀଡ଼ା ପ୍ରତିଭା ପ୍ରଦର୍ଶନର ସୁଯୋଗ ଦେବା ସହ ଦଳଗତ କାର୍ଯ୍ୟ ଏବଂ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କକୁ ଅଧିକ ସଦୃଢ଼ କରିଛି । ପ୍ରତିଯୋଗିତାର ମହିଳା ସିଙ୍ଗଲ୍ସର ଫାଇନାଲ୍ ମ୍ୟାଚ୍‌ରେ ନାଶମା ମୁଣ୍ଡା ବିଜେତା ହୋଇଥିବା ବେଳେ ନତାଶା ପାତ୍ର ରନର୍ସ-ଅପ୍ ହୋଇଛନ୍ତି । ପିଙ୍କିରାଣୀ ହେମ୍ବ୍ରମ ଓ ସାଗରିକା ନାୟକ ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି ।ପୁରୁଷ ଡବଲ୍ସ ଫାଇନାଲରେ ଶେଖ ତାବେରୁଦ୍ଦିନ ଓ ସୁବ୍ରତ କୁମାର ବେହେରା ବିଜେତା ଏବଂ ବିନୀତ କୁମାର ପଟେଲ ଓ ମହମ୍ମଦ ତାହାସିନ ରନର୍ସ-ଅପ୍ ହୋଇଛନ୍ତି । ଶିବ ଶଙ୍କର ମୁର୍ମୁ, ଧନଞ୍ଜୟ ମୁର୍ମୁ, ଭୀମସେନ ବାସ୍କେ ଓ ମୌଳିନ୍ଦୁ କୁମାର ମହାନ୍ତ ସେମିଫାଇନାଲିଷ୍ଟ ଭାବେ ଯୁଗ୍ମ ତୃତୀୟ ସ୍ଥାନ ହାସଲ କରିଛନ୍ତି । ଏହି ପ୍ରତିଯୋଗିତାରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ମନ୍ଦରଧର ମହାଲିକ, କେନ୍ଦୁଝର ଉପ-ଜିଲ୍ଲାପାଳ ଉମାଶଙ୍କର ଦଳାଇ, ଚମ୍ପୁଆ ଉପ-ଜିଲ୍ଲାପାଳ ଉମାକାନ୍ତ ପରିଡ଼ା, ଚମ୍ପୁଆ ପିଏ ଆଇଟିଡିଏ ରାମକୃଷ୍ଣ ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ଅଭିନନ୍ଦନ ରାୟ, ପାଟଣା ବିଡିଓ ମାନସ ଦଣ୍ଡପାଟ, ତହସିଲଦାର ଅଶ୍ୱିନୀ ନାୟକ ଏବଂ ଯୋଡ଼ା ବିଡିଓ ଡେନିଶ ବେହେରା ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ସହଯୋଗ କରିଥିଲେ । ସାଂସ୍କୃତିକ କ୍ଲବ୍‌ର ସଭାପତି ପ୍ରଭାତେନ୍ଦୁ ନାୟକ, ଉପସଭାପତି ପୁରୁଷୋତ୍ତମ କୁଅଁର, ସମ୍ପାଦକ ଜନ୍ମେଜୟ ମହାନ୍ତ, ଯୁଗ୍ମ ସମ୍ପାଦକ-ଓ ସୁଶାନ୍ତ ଦ୍ୱିବେଦୀ, ଯୁଗ୍ମ ସମ୍ପାଦକ-ଓଓ ସତ୍ୟବ୍ରତ ସାହୁ, ନାଟ୍ୟ ସମ୍ପାଦକ ପୀତବାସ ମହାନ୍ତ, କ୍ରୀଡ଼ା ସମ୍ପାଦକ ତନ୍ମୟ ରାୟ ଏବଂ କୋଷାଧ୍ୟକ୍ଷ କମଳାକାନ୍ତ ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସୁଚାରୁରୂପେ ପରିଚାଳିତ ହୋଇଥିଲା । ଏହାସହ କାର୍ଯ୍ୟକାରୀ ସଦସ୍ୟ ତ୍ରିନାଥ ଜେନା, ରତି ରମଣ ମହାନ୍ତ, ଅବନୀ ମହାନ୍ତ, ବୈଜୟନ୍ତୀ ନାଇକ, ଛବିଳ ପାତ୍ର, ମନୋଜ କୁମାର ମଲ୍ଲିକ, ବିଶ୍ୱଭୂଷଣ ବେହେରା, ବିଶ୍ୱଭୂଷଣ ସାହୁ, ଖଗେଶ୍ୱର ପାତ୍ର ଏବଂ ପ୍ରତାପ ରାଜ ସକ୍ରିୟ ସହଯୋଗ କରିଥିଲେ । ସରକାରୀ କାର୍ଯ୍ୟ ବ୍ୟତୀତ ମନୋରଞ୍ଜନ ଓ ଶାରୀରିକ ସୁସ୍ଥତା ପାଇଁ ଏପରି ଆୟୋଜନକୁ ସମସ୍ତ କର୍ମଚାରୀ ସାଧୁବାଦ ଜଣାଇଛନ୍ତି । ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟରେ ମହିଳା ସିଙ୍ଗଲ୍ସ ଏବଂ ପୁରୁଷ ଡବଲ୍ସ ବିଭାଗରେ ପ୍ରତିଯୋଗୀମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । ଏହା ଅଧିକାରୀ ଓ କର୍ମଚାରୀମାନଙ୍କୁ ସେମାନଙ୍କ କ୍ରୀଡ଼ା ପ୍ରତିଭା ପ୍ରଦର୍ଶନର ସୁଯୋଗ ଦେବା ସହ ଦଳଗତ କାର୍ଯ୍ୟ ଏବଂ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କକୁ ଅଧିକ ସଦୃଢ଼ କରିଛି । ଏହି ଆକର୍ଷଣୀୟ ପ୍ରତିଯୋଗିତାର ମହିଳା ସିଙ୍ଗଲ୍ସର ଫାଇନାଲ୍ ମ୍ୟାଚ୍‌ରେ ନାଶମା ମୁଣ୍ଡା ବିଜେତା ହୋଇଥିବା ବେଳେ ନତାଶା ପାତ୍ର ରନର୍ସ-ଅପ୍ ହୋଇଛନ୍ତି । ପିଙ୍କିରାଣୀ ହେମ୍ବ୍ରମ ଓ ସାଗରିକା ନାୟକ ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି ।ପୁରୁଷ ଡବଲ୍ସ ଫାଇନାଲରେ ଶେଖ ତାବେରୁଦ୍ଦିନ ଓ ସୁବ୍ରତ କୁମାର ବେହେରା ବିଜେତା ଏବଂ ବିନୀତ କୁମାର ପଟେଲ ଓ ମହମ୍ମଦ ତାହାସିନ ରନର୍ସ-ଅପ୍ ହୋଇଛନ୍ତି । ଶିବ ଶଙ୍କର ମୁର୍ମୁ, ଧନଞ୍ଜୟ ମୁର୍ମୁ, ଭୀମସେନ ବାସ୍କେ ଓ ମୌଳିନ୍ଦୁ କୁମାର ମହାନ୍ତ ସେମିଫାଇନାଲିଷ୍ଟ ଭାବେ ଯୁଗ୍ମ ତୃତୀୟ ସ୍ଥାନ ହାସଲ କରିଛନ୍ତି । ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ, କେନ୍ଦୁଝର ଉପ-ଜିଲ୍ଲାପାଳ ଉମାଶଙ୍କର ଦଳାଇ, ଚମ୍ପୁଆ ଉପ-ଜିଲ୍ଲାପାଳ ଉମାକାନ୍ତ ପରିଡ଼ା, ଚମ୍ପୁଆ ପିଏ ଆଇଟିଡିଏ ରାମକୃଷ୍ଣ ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ଅଭିନନ୍ଦନ ରାୟ, ପାଟଣା ବିଡିଓ ମାନସ ଦଣ୍ଡପାଟ, ତହସିଲଦାର ଅଶ୍ୱିନୀ ନାୟକ ଏବଂ ଯୋଡ଼ା ବିଡିଓ ଡେନିଶ ବେହେରା ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ସହଯୋଗ କରିଥିଲେ ।

## ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଚମ୍ପୁଆ,୮/୯(ନି/ପ୍ର):ଚମ୍ପୁଆ ବ୍ଲକ ପରିସରରେ ବ୍ଲକ ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମଟି ଚମ୍ପୁଆ ଗୋଷ୍ଠି ଉନ୍ନୟନ ଅଧିକାରୀ ସ୍ମୃତିରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବାବେଳେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ସୁରେଶ ନାୟକ ଓ ସମ୍ମାନିତ ଅତିଥିଭାବେ ପାଟଣା ବିଧାୟକ ପ୍ରତିନିଧି ଭାବଗ୍ରାହୀ ମହାନ୍ତ ଯୋଗଦାନ କରି ଶୁଭାରମ୍ଭ କରିଥିଲେ । ଏଥିରେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସରିତା ବେହେରା, ବି.ଏଫ.ଓ ସୁକାନ୍ତ ଦେହୁରୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରାବଣୀ ଜେନା, ଦୀପକ କୁମାର ମହାନ୍ତ, ଦୀପଙ୍କର ଦାସ, ହରେକୃଷ୍ଣ ନାଏକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଏଥିରେ ୫ ଜଣ ଚିକିତ୍ସକ ଯଥା ଡଃ ପ୍ରଭାତ କୁସୁମ ମହାପାତ୍ର, ଡଃ ସତାବ୍ଦି ଜେନା, ଡଃ ନିହାର ରଞ୍ଜନ ରଥ, ଡଃ ସଞ୍ଜୟ କୁମାର ବେହେରା, ଡଃ ମାନସ କୁମାର ମହାନ୍ତ ପ୍ରମୁଖ ଯୋଗଦାନ କରି ରୋଗର ନିରାକରଣ ଓ ନିଦାନ ପରିଖି ଥିଲେ । ଏହି କାର୍ଯ୍ୟକ୍ରମରେ ଚମ୍ପୁଆ ବ୍ଲକର ୨୨ଟି ପଂଚାୟତର ମୋଟ ୨୧୭ ଜଣ ଭିନ୍ନକ୍ଷମମାନଙ୍କୁ ଚିହ୍ନଟ କରି ପଞ୍ଜିକରଣ କରାଯାଇଥିଲା । ଅସ୍ଥିଶଲ୍ୟ ବିଭାଗରେ ୧୦୩, ଦୃଷ୍ଟି ବାଧିତରେ ୩୫, ମସ୍ତିଷ୍କ ବିକୃତରେ ୪୦, ଶ୍ରବଣ ବାଧିତରେ ୩୯ ଜଣଙ୍କୁ ଚିହ୍ନଟ କରାଯାଇଥିଲା ଏବଂ ୪ ଗୋଟି ହ୍ୱିଲ ଚେୟାର ପ୍ରଦାନ କରାଯାଇଥିଲା ।

## ଜାତୀୟ ସ୍ତରରେ ସମ୍ମାନିତ କେନ୍ଦୁଝରର ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ




କେନ୍ଦୁଝର,୮/୯(ନି/ପ୍ର):ଶିକ୍ଷା କ୍ଷେତ୍ରରେ ନବୀନ ପ୍ରୟାସ, ଶିକ୍ଷାଗତ ପରିଚାଳନାରେ ସୁଧାର ଏବଂ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପାଠପଢ଼ା ପ୍ରତି ଆଗ୍ରହ ସୃଷ୍ଟି କରି ବ୍ୟାପକ ପରିବର୍ତ୍ତନ ଆଣିବାର ନିରବଚ୍ଛିନ୍ନ ଉଦ୍ୟମ ପାଇଁ କେନ୍ଦୁଝରରେ କାର୍ଯ୍ୟରତ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା ଜାତୀୟ ସ୍ତରରେ ସମ୍ମାନିତ ହୋଇଛନ୍ତି । ନୂଆଦିଲ୍ଲୀସ୍ଥିତ ପ୍ରସିଦ୍ଧ 'ଜାତୀୟ ଶିକ୍ଷା ଯୋଜନା ଓ ପ୍ରଶାସନ ସଂସ୍ଥାନ' ପକ୍ଷରୁ ତାଙ୍କୁ ୨୦୨୩-୨୪ ବର୍ଷ ପାଇଁ ଏହି ମାନ୍ୟତାପ୍ରାପ୍ତ 'ଶିକ୍ଷା ପ୍ରଶାସନରେ ନବୀନ ପ୍ରୟାସ ଓ ଉତ୍ତମ ପରିଚାଳନା ପାଇଁ ଜାତୀୟ ପୁରସ୍କାର' ପ୍ରଦାନ କରାଯାଇଛି । ଗତ ସେପ୍ଟେମ୍ବର ୨ ଓ ୩ ତାରିଖରେ ନୂଆଦିଲ୍ଲୀଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ବିଶିଷ୍ଟ ଶିକ୍ଷାବିତ୍, କେନ୍ଦ୍ରୀୟ ପ୍ରଶାସକ ଓ ନିମନ୍ତ୍ରିତ ଅତିଥିମାନଙ୍କ ଉପସ୍ଥିତିରେ ଶ୍ରୀ ବେହେରାଙ୍କୁ ମାନପତ୍ର, ସ୍ମାରକୀ ଟ୍ରଫି ଏବଂ ୧୦ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ସଫଳତା ପରେ ନିଜ ପ୍ରତିକ୍ରିୟାରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ବେହେରା କହିଛନ୍ତି ଯେ, 'ଏହି ସମ୍ମାନର ସମସ୍ତ ଶ୍ରେୟ କେନ୍ଦୁଝର ଜିଲ୍ଲାର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ବିଭାଗୀୟ ସହଯୋଗୀଙ୍କର । ସେମାନଙ୍କ ସହଯୋଗ ବିନା ଏହା ସମ୍ଭବ ହୋଇପାରିନଥାନ୍ତା । ଏହି ସ୍ୱୀକୃତି ମୋତେ ଭବିଷ୍ୟତରେ ଜିଲ୍ଲାର ଶିକ୍ଷା ବ୍ୟବସ୍ଥାରେ ଆହୁରି ଗୁଣାତ୍ମକ ସୁଧାର ଆଣିବା ଏବଂ ଶିକ୍ଷାର ବିକାଶ ପାଇଁ ନିଷ୍ଠାର ସହ କାମ କରିବାକୁ ଆହୁରି ଅଧିକ ପ୍ରେରଣା ଯୋଗାଇବ ।' ଏହି ଜାତୀୟ ସଫଳତା ପାଇଁ କେନ୍ଦୁଝର ଜିଲ୍ଲା ପ୍ରଶାସନ, ବିଭିନ୍ନ ଶିକ୍ଷକ ସଂଘ, ଶିକ୍ଷାବିତ୍ ଓ ବୁଦ୍ଧିଜୀବୀଙ୍କ ପକ୍ଷରୁ ଶ୍ରୀ ବେହେରାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ଜିଲ୍ଲା ସିନିୟର ନକ୍ ଆଉଟ ଫୁଟବଲ ଟୁର୍ଣ୍ଣାମେଂଟ ସୁପର ନକଆଉଟରେ ନକଟାସର ଓ ରାଇଜିଂ ଷ୍ଟାର ଟିଟିଲାଗଡ

ବଲାଙ୍ଗିର,୮/ ୯(ନି/ପ୍ର):ଜିଲ୍ଲା କ୍ରୀଡା ସଂସଦ ଆନୁକୁଲ୍ୟରେ ଚାଲିଥିବା ଫୁଟବଲ ଖେଳ ୮ ଟି ପଡିଆରେ ହୋଇଯାଇଛି ।ଚୁଡାପାଲି ହାଇସ୍କୁଲ ପଡିଆରେ ନକଟାସର ୩-୦ ଗୋଲରେ ଭାଲୁପିଟା କୁ ହରାଇ ଜୋନ ଚମ୍ପିୟାନ ହୋଇଛି । ମୁଖ୍ୟ ଅତିଥି ଭାବେ ଫ୍ରେଣ୍ଡସ କ୍ଲବ, ବଲାଙ୍ଗିର ସଭାପତି ଲୋଟସ ଷଡଙ୍ଗି ଯୋଗ ଦେଇଥିବା ବେଳେ ଅତିଥି ଭାବେ ସଂପାଦକ ଜଗନ୍ନାଥ ମିଶ୍ର, କ୍ରୀଡା ସଂସଦର ଯୁଗ୍ମ ସଂପାଦକ ପଦ୍ମଚରଣ ଆଚାର୍ଯ୍ୟ, ଶତ୍ରୁଘନ ସିଂହ, କୋଷାଧ୍ୟକ୍ଷ ହେମନ୍ତ କୁମାର ବେହେରା, କ୍ରୀଡା ସଂପାଦକ ବିଭୁତି ଭୂଷଣ ପଣ୍ଡା ଓ ଫୁଟବଲ ସଂପାଦକ ଶରତ କୁମାର ନନ୍ଦ ଯୋଗ ଦେଇଥିଲେ । ଟିଟିଲାଗଡ ସିଟି ସ୍କୁଲ ପଡିଆରେ ରାଇଜିଂ ଷ୍ଟାର ୫-୧ ଗୋଲରେ ଖଜୁରପଡା କୁ ହରାଇ ଜୋନ ଚମ୍ପିୟାନ ହୋଇଛି । ମୁଖ୍ୟ ଅତିଥି ଭାବେ ଟିଟିଲାଗଡ ପୌରାଧ୍ୟକ୍ଷା ମମତାଦେବୀ ଜୈନ ଯୋଗ ଦେଇଥିବା ବେଳେ ଅତିଥି ଭାବେ ଆଇଆଇସି ଟିଟିଲାଗଡ ମନୋଜ କୁମାର ମୁଣ୍ଡା, ପୂର୍ବତନ ରାଜ୍ୟ ଖେଳାଳି ସଦାନନ୍ଦ ନାଏକ ଓ ପୂର୍ବତନ ଆନ୍ତର୍ଜାତୀୟ ଖୋ ଖୋ ଖେଳାଳି ମନ୍ଦାକିନୀ ମାଝି ଯୋଗ ଦେଇଥିଲେ । ଖୁଜେନପାଲି ପଡିଆରେ ସ୍ପୋର୍ଟ ହଷ୍ଟେଲ ୩-୦ ଗୋଲରେ ମହିମୁଣ୍ଡା କୁ ହରାଇଲା । ଅତିଥି ଭାବେ ବିଜେଡି ଯୁବ ସଭାପତି ରାଜେନ୍ଦ୍ର ହୋତା ଓ ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମି ରଂଜନ ମିଶ୍ର ଯୋଗ ଦେଇଥିଲେ । ପଲ୍ଲିଶ୍ରୀ ଷ୍ଟାଡିୟମ ସଦାଇପାଲି ଠାରେ ରିଜର୍ଭ ପୋଲିସ ବଲାଙ୍ଗିର ୩-୦ ଗୋଲ ରେ ଆଗଲପୁରକୁ ହରାଇ ବିଜୟୀ ହେଲା । ଅତିଥି ଭାବେ ଏଡିସିନାଲ ଏସ୍ପି ଗୁଣନିଧି ମଲ୍ଲିକ, କ୍ରୀଡା ସଂସଦ ସଦସ୍ୟ ଜୟରାମ ମିଶ୍ର, କାଉନସିଲ ସଭ୍ୟ ପ୍ରଭାତ କୁମାର ମିଶ୍ର ଓ ପୂର୍ବତନ ଖେଳାଳି ଗରୁଡଧ୍ୱଜ ସାଏ ଯୋଗ ଦେଇଥିଲେ । ଟାଉନ ହାଇସ୍କୁଲ ପଡିଆରେ ଗେର୍ଡି ୨-୦ ଗୋଲରେ ଜେଏସ୍ସି ଖଲିଆପାଲି କୁ ହରାଇ ବିଜୟୀ ହେଲା । ଅତିଥି ଭାବେ ବଲାଙ୍ଗିର ବ୍ଲକ ପୂର୍ବତନ ଅଧ୍ୟକ୍ଷ ଗୋଲାପ ବାଗ, କ୍ରୀଡା ସଂଗଠକ ରାଜିବ ଲୋଚନ ନେପାକ, ଆଇନଜିବୀ ସୁମିତ ଭରଦ୍ୱାଜ, ସମାଜସେବୀ ଗୋବିନ୍ଦ ଶତପଥି ଓ ସଂସଦର ବରିଷ୍ଠ ସଦସ୍ୟ ଡା. ସିଦ୍ଧେଶ୍ୱର ମିଶ୍ର ଯୋଗ ଦେଇଥିଲେ । ଜରାସିଂହା ମିନି ଷ୍ଟାଡିୟମରେ ଜରାସିଂହା ୪-୦ ଗୋଲରେ ନାଇକେନସିରା କୁ ହରାଇଲା ।

## ୪୯ ନମ୍ବର ଜାତୀୟ ରାଜପଥରେ ଟ୍ରକ୍ ଓଲଟି ଚାଳକ ମୃତ
## ଲୁହା ରଡ୍ ମଧ୍ୟରେ ଚାପି ହୋଇ ଚାଲିଗଲା ଜୀବନ



ପାଳଲହଡ଼ା,୮/୯(ନି/ପ୍ର): ଗତକାଲି ମଧ୍ୟରାତ୍ରିରେ ସୁନ୍ଦରଗଡ଼ରୁ କେଉଁଝର ଯାଉଥିବା ଏକ ଲୁହା ରଡ୍ ବୋଝେଇ ଟ୍ରକ୍ ୪୯ ନମ୍ବର ଜାତୀୟ ରାଜପଥର ଯୋଗୀମୁଣ୍ଡା ଛକ ନିକଟରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା । ଦୁର୍ଘଟଣାରେ ଟ୍ରକ୍‌ରେ ବୋଝେଇ ହୋଇଥିବା ଲୁହା ରଡ୍ ମଧ୍ୟରେ ଚାଳକ ଚାପି ହୋଇ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି । ତେବେ ମୃତ ଚାଳକଙ୍କ ପରିଚୟ ଏପର୍ଯ୍ୟନ୍ତ ମିଳିପାରିନାହିଁ । ଖବର ପାଇ ଅଗ୍ନିଶମ ବିଭାଗ ଓ ପୁଲିସ୍ ଘଟଣାସ୍ଥଳରେ ପହଚିଁ ଲୁହା ରଡ୍ ମଧ୍ୟରୁ ମୃତଦେହ ଉଦ୍ଧାର ପାଇଁ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି । ପାଳଲହଡ଼ାରେ ଭୟଙ୍କର ସଡ଼କ ଦୁର୍ଘଟଣା । ଭାରସାମ୍ୟ ହରାଇ ଓଲଟି ପଡ଼ିଲା ଲୁହା ରଡ୍ ବୋଝେଇ ଟ୍ରକ । ଦୁର୍ଘଟଣାରେ ଟ୍ରକ ଭିତରେ ଚାପି ହୋଇ ଚାଳକଙ୍କ ମୃତ୍ୟୁ ହୋଇଛି । ସୂଚନା ଅନୁସାରେ, ସୁନ୍ଦରଗଡ଼ରୁ କେନ୍ଦୁଝର ଅଭିମୁଖେ ଯାଉଥିଲା ଲୁହା ରଡ୍ ବୋଝେଇ ଟ୍ରକ ।ତେବେ ଅନୁଗୁଳଜିଲ୍ଲା ପାଳଲହଡ଼ା ନିକଟ ୪୯ ନମ୍ବର ଜାତୀୟ ରାଜପଥର ଯୋଗୀମୁଣ୍ଡା ଛକରେ ହଠାତ୍ ଭାରସାମ୍ୟ ହରାଇଥିଲା ଟ୍ରକଟି । ଫଳରେ ରାସ୍ତା ଉପରେ ଓଲଟି ପଡ଼ିଥିଲା ଲୁହା ରଡ୍ ବୋଝେଇ ଟ୍ରକ । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ଟ୍ରକ ଭିତରେ ଚାଳକ ଚାପି ହୋଇ ଯାଇଥିଲେ । ଘଟଣାସ୍ଥଳରେ ହିଁ ଚାଳକଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ଦୁର୍ଘଟଣା ପରେ ଘଟଣାସ୍ଥଳରେ ଲୋକଙ୍କ ଭିଡ଼ ଜମିଥିବା ବେଳେ, ଚାଳକଙ୍କୁ ଉଦ୍ଧାର ପାଇଁ ଉଦ୍ୟମ କରାଯାଇଥିଲା । ତେବେ ଏହି ଦୁର୍ଘଟଣା କେଉଁ କାରଣରୁ ଘଟିଲା, ସେନେଇ ତଦନ୍ତ ଜାରି ରହିଛି ।

## ବିନା ସୂଚନା ଫଳକରେ ନିର୍ମାଣ ହେଉଛି ସରକାରୀ କୋଠା

ଘଟଗାଁ,୮/୯(ନି/ପ୍ର):ବିନା ସୂଚନା ଫଳକରେ ନିର୍ମାଣ ହେଉଛି ସରକାରୀ କୋଠା ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀ ନିରବ ଥିବାବେଳେ ନିମ୍ନମାନର କାମକରି ଠିକାଦାର ମାଲେ ମାଲ ହେଉଛି । ଏଭଳି ଖବର ଘଟଗାଁ ବ୍ଲକ ବର୍ହାଟିପୁରା ପଂଚାୟତ ଅଧୀନରେ ନିର୍ମାଣ ହେଉଥିବା ଏକ ସରକାରୀ କୋଠା ତାହାର କୌଣସି ସୂଚନା ନାହିଁ । ସରକାରୀ ନିୟମ ଅନୁଯାୟୀ ଯେ କୌଣସି ଆରମ୍ଭ ହେବା ପୂର୍ବରୁ କାର୍ଯ୍ୟର ସମ୍ପୂର୍ଣ୍ଣ ବିବରଣୀ ଫଳକରେ ଉଲ୍ଲେଖ କରି କାର୍ଯ୍ୟ ଆରମ୍ଭ କରିବା ନିୟମ ରହିଛି ।ବର୍ହାଟିପୁରା ପଂଚାୟତ ଅଧୀନରେ ନିର୍ମାଣ ହେଉଥିବା କୋଠା କେଉଁ ବିଭାଗର ଓ କେଉଁ କୋଠା ନିର୍ମାଣ ହେଉଛି ତାହାର କିଛି ସୂଚନା ନାହିଁ ।ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ପ୍ଲିଂଚ ପତନରେ ବାଲି ଭର୍ତି କରି ମେଂଟାଲିଂ କରିବା ପରିବର୍ତ୍ତେ ଧଳା ମୁରୁଜ ମାଟି ପକାଇ ମେଂଟାଲିଂ କରିଛନ୍ତି । କଂକ୍ରିଟ ଢଳାଇ ଓ ଇଟା ଯୋଡ଼ାଇ ଲାଗି ଆବଶ୍ୟକ ପରିମାଣ ସିମେଂଟଠାରୁ କମ ପରିମାଣର ସିମେଂଟଦେଇ କାମ କରୁଛନ୍ତି । ଏହାକୁ ନେଇ ଏବେ ଜନ ସାଧାରଣରେ ଦାବୀ ବ୍ଲକ ପ୍ରଶାସନ ଏହାର ତଦନ୍ତ କରି କେଉଁ ବିଭାଗର କାମ କେତେ ଟଙ୍କାର କାମ ତଦନ୍ତ କରି ସୂଚନା ଫଳକ ଲଗାଇ ସଠିକ ନିୟମ ଅନୁଯାୟୀ କାର୍ଯ୍ୟ କରନ୍ତୁ ।

## ଏକଲବ୍ୟ ପୁରସ୍କାର ବିତରଣୀ ଉତ୍ସବ

ଭଦ୍ରକ,୮/୯(ନି/ପ୍ର): ହାଟଡିହି ବ୍ଲକର ପଢିଆରୀପଲ୍ଲୀ ଗ୍ରାମପଚାଂୟତ ଅଧୀନରେ ଥିବା ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଏସିବି ଫାଉଣ୍ଡେସନ କାହାଲିଆଗଡିଆ ପୂର୍ବବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପବିତ୍ର ସ୍ମରଣୀୟ ଗୁରୁଦିବସ ପାଳନ ଅବସରରେ ବିଭିନ୍ନ ପଚାଂୟତ ଯଥା ପଢିଆରୀପଲ୍ଲୀ ,ରାଇଘାଟି, ଧନୁର୍ଜୟପୁର, ବାଲିବରେଇ, ହଦଗଡ, ସୋସୋ ଓ ବାଙ୍ଗୋର ଅଧିନରେ ଥିବା ବିଭିନ୍ନ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ ମାନଙ୍କରେ ଭକ୍ତ, ଶୃଙ୍ଖଳା,କର୍ତବ୍ୟନିଷ୍ଠା, ନମ୍ରତା, କଠୋର ସାଧନା, ସମାୟନୁବର୍ତୀ, ସଂସ୍କାରଧର୍ମୀ ଆଦି ନୈତିକ ଓ ସାମଗ୍ରିକ ଶିକ୍ଷାରେ ଶ୍ରେଷ୍ଠ ଛାତ୍ରଛାତ୍ରୀ ମାନଙ୍କୁ ଗୁରୁ ଶିଷ୍ୟର ପରମ୍ପରା ପ୍ରତୀକ ସ୍ୱରୁପ ଏକଲବ୍ୟ ପୁରସ୍କାର ୨୦୨୬ ଗୁରୁ ପୂଜନ ଓ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭା ମାନଙ୍କରେ ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ପ୍ରଧାନଶିକ୍ଷୟିତ୍ରୀ ମାନେ ସହଯୋଗ କରିଥିଲେ । ଉକ୍ତ ପବିତ୍ର ସ୍ମରଣୀୟ ଗୁରୁଦିବସ ପାଳନ ଓ ଏକଲବ୍ୟ ପୁରସ୍କାର ବିତରଣ ସଭା ବିଶେଷ କରି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଧର୍ନୁଜୟପୁର ଠାରେ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ଭକ୍ତ, ଶୃଙ୍ଖଳା, ନମ୍ରତା, କର୍ତବ୍ୟନିଷ୍ଠା, ବଳିଷ୍ଠ ସାଧନା, ସମୟାନୁବର୍ତିତା, ସଂସ୍କାରଧର୍ମୀ ଆଦି ନୈତିକ ଓ ସାମଗ୍ରିକ ଶିକ୍ଷାର ଶ୍ରେଷ୍ଠ ଛାତ୍ରଛାତ୍ରୀ ମାନଙ୍କୁ ଗୁରୁ ଶିଷ୍ୟ ପରମ୍ପରା ପ୍ରତୀକ ସ୍ୱରୁପ ଏକଲବ୍ୟ ପୁରସ୍କାର-୨୦୨୬ ବିତରଣ ସଭାରେ ପ୍ରଧାନଶିକ୍ଷକ ତଥା ସଭାପତି ପ୍ରଫୁଲ କୁମାର ଦାସ ମହୋଦୟ ସଭାପତିତ୍ୱ କଲାବେଳେ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ତଥା ବରିଷ୍ଠ ସମାଜସେବୀ ଓ ଆଧାତ୍ମିକବାଦୀ ଅଜୟ କୁମାର ନାୟକ ମହୋଦୟ ମୁଖ୍ୟ ଅତିଥି ଭାବେ ଏସିବି ଫାଉଣ୍ଡେସନ କାହାଲିଆଗଡିଆର ଉପଦେଷ୍ଟା ଅର୍ଜୁନ ଚରଣ ଶତପଥି ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ । ଉକ୍ତ ସଭାରେ ବରିଷ୍ଠ ଶିକ୍ଷକ ଅଚ୍ୟୁତାନନ୍ଦ ସେଠୀ ମଂଚ ପରିଚାଳନା କରିଥିଲେ । ଗୁରୁପୂଜନ କାର୍ଯ୍ୟକ୍ରମରେ ସର୍ବ ପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଫଟୋଚିତ୍ରରେ ମାନ୍ୟଗଣ୍ୟ ଅତିଥି ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ପୁଷ୍ପମାଲ୍ୟ ଅର୍ପଣ କରିବା ସଙ୍ଗେ ସଙ୍ଗେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ଗୁରୁ ବନ୍ଦନା କରାଯାଇଥିଲା । ଛାତ୍ରଛାତ୍ରୀ ମାନଙ୍କ ଗୁରୁଜୀ ଗୁରୁମା ଙ୍କୁ ପୂଜାର୍ଚ୍ଚନା ସହ ଗଭୀର ଭକ୍ତିପୂତ ପ୍ରଣାମ କରିବା ସହ ଗୁରୁ ଦିବସ ଉପରେ ସମ୍ୟକ୍ ଭାଷଣ ଦେଇଥିଲେ । ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ସଭାପତି ତଥା ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ଛାତ୍ରଛାତ୍ରୀ ମାନଙ୍କ ଉଦ୍ଦେଶ୍ୟରେ ଗୁରୁଦିବସର ମାହାତ୍ମ୍ୟ ଓ ଏକଲବ୍ୟ ପୁରସ୍କାର ବିଷୟରେ ସମ୍ୟକ ଅଭିଭାଷଣ ରଖିଥିଲେ । ତତ୍ପରେ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି, ପ୍ରଧାନଶିକ୍ଷକ ଶ୍ରେଷ୍ଠ ଛାତ୍ରଛାତ୍ରୀ ମାନଙ୍କୁ ଏକଲବ୍ୟ ପୁରସ୍କାର ବିତରଣ କରାଯାଇ ସଭା ସାଙ୍ଗ କରାଯାଇଥିଲା ।

## ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ ଅଂଚଳ ପ୍ରକଳ୍ପ ନେଇ ସଚିବସ୍ତରୀୟ ବୈଠକ

ଭୁବନେଶ୍ୱର, ୮/୯(ନି/ପ୍ର): ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ ଅଂଚଳ ପ୍ରକଳ୍ପକୁ ନେଇ ଶନିବାର ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ଆନ୍ତଃବିଭାଗୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି । ରାଜ୍ୟ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଦେଓରଞ୍ଜନ କୁମାର ସିଂହଙ୍କ ସମେତ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବ ଏବଂ ବରିଷ୍ଠ ପଦାଧିକାରୀମାନେ ଯୋଗ ଦେଇଥିଲେ । ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ ଅଂଚଳର ଗୁରୁତ୍ୱ ଉପରେ ଆଲୋକପାତ କରି ଏହା ଓଡ଼ିଶାର ଆର୍ଥିକ ଅଭିବୃଦ୍ଧିର ଏକ ପ୍ରମୁଖ ବିକାଶ ଇଞ୍ଜିନ୍ ଭାବେ କାର୍ଯ୍ୟ କରିବ ବୋଲି କହିଥିଲେ । ଏହି ପ୍ରକଳ୍ପ ରାଜ୍ୟର 'ଦୃଷ୍ଟି ୨୦୩୬' ଓ 'ଦୃଷ୍ଟି ୨୦୪୭' ଲକ୍ଷ୍ୟ ପୂରଣରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ କରିବ ବୋଲି ସେ ଆଶା ପ୍ରକାଶ କରିଥିଲେ । ଏକ ସମନ୍ୱିତ ଆଂଚଳିକ ବିକାଶ ଦୃଷ୍ଟିକୋଣରେ ଏହି ଅଂଚଳର ଭିତ୍ତିଭୂମି, ନିବେଶ, ନିଯୁକ୍ତି ଓ ଆର୍ଥିକ ଅଭିବୃଦ୍ଧିକୁ ଆଗକୁ ନେବା ସମ୍ଭବ ବୋଲି ମୁଖ୍ୟ ଶାସନ ସଚିବ କହିବା ସହ ପ୍ରକଳ୍ପର ସଫଳ କାର୍ଯ୍ୟାନ୍ୱୟନ ପାଇଁ ସମସ୍ତ ବିଭାଗର ସମନ୍ୱିତ ଓ ସମ୍ମିଳିତ ପ୍ରୟାସ ଉପରେ ଗୁରୁତ୍ୱାରୋପ କରିଥିଲେ । ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ ବୈଠକରେ ପ୍ରକଳ୍ପର ବିଭିନ୍ନ ଅଗ୍ରଗତି ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ । ସମୟସୀମା ମଧ୍ୟରେ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ପାଇଁ ପ୍ରାଥମିକତା କ୍ଷେତ୍ରଗୁଡ଼ିକୁ ଚିହ୍ନଟ କରି ସେଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା । ସେ କହିଥିଲେ ଯେ ଏହି ଅର୍ଥନୈତିକ ଅଂଚଳ 'ବିକଶିତ ଭାରତ ୨୦୪୭' ଲକ୍ଷ୍ୟ ହାସଲରେ ଓଡ଼ିଶାର ମୋଟ ଘରୋଇ ଉତ୍ପାଦରେ ଉଲ୍ଲେଖନୀୟ ଯୋଗଦାନ କରିବ । ଆଂଚଳିକ ନିରନ୍ତର, ଆର୍ଥିକ ଓ ସମାବେଶୀ ବିକାଶ ପାଇଁ ଏହାକୁ ଏକ ବୈଶ୍ୱିକ ମଡେଲ୍ ଭାବେ ବିକଶିତ କରିବାର ଲକ୍ଷ୍ୟ ରହିଛି । ବହୁମୁଖୀ ପରିବହନ ବ୍ୟବସ୍ଥା, ସୁଲଭ ଆବାସ, ଜଳବାୟୁ-ସହନଶୀଳ ଭିତ୍ତିଭୂମି ଏବଂ ସହରୀ ପୁନରୁଦ୍ଧାର ଭଳି କ୍ଷେତ୍ରରେ ସମନ୍ୱିତ ପଦକ୍ଷେପ ମାଧ୍ୟମରେ ଏହି ଅଂଚଳକୁ ଏକ ସମାବେଶୀ, ସ୍ଥାୟୀ ଓ ବିଶ୍ୱସ୍ତରୀୟ ଅର୍ଥନୈତିକ ଅଂଚଳରେ ପରିଣତ କରାଯିବ ବୋଲି ସେ କହିଥିଲେ । ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ ଅଂଚଳ ପ୍ରକଳ୍ପ ଭାରତ ସରକାରଙ୍କ 'ସିଟି ଇକୋନୋମିକ୍ ରିଜିଅନ୍' ଯୋଜନା ଅଧୀନରେ ପ୍ରସ୍ତୁତ ଦେଶର ଚାରିଟି ପ୍ରମୁଖ ପାଇଲଟ୍ ପ୍ରକଳ୍ପ ମଧ୍ୟରୁ ଅନ୍ୟତମ । ଏହି ପ୍ରକଳ୍ପ ପାଇଁ ବିଭିନ୍ନ ବିଭାଗର ସହଯୋଗରେ ନୀତି ଆୟୋଗ ଚିହ୍ନଟ କରିଥିବା ୧୯ଟି ବିଭାଗର ୨୬୯ଟି ପ୍ରକଳ୍ପ ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା । ଏହି ପ୍ରକଳ୍ପ ମାଧ୍ୟମରେ ଭୁବନେଶ୍ୱରର ସୂଚନା ପ୍ରଯୁକ୍ତି, ପାରମ୍ପରିକ ବ୍ୟବସାୟ, ପର୍ଯ୍ୟଟନ ଓ ସଂସ୍କୃତି ସହ ପାରାଦୀପର ବନ୍ଦରଭିତ୍ତିକ ଶିଳ୍ପ ଓ ଯୋଗାଣ ଶୃଙ୍ଖଳା କ୍ଷମତାକୁ ଏକତ୍ରିତ କରି ଅଂଚଳର ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରାଯିବ । ବୈଠକରେ ଚିହ୍ନଟ ପ୍ରକଳ୍ପଗୁଡ଼ିକର ଅଗ୍ରଗତି, ବିଭାଗୀୟ ସମନ୍ୱୟ, ପ୍ରଧାନମନ୍ତ୍ରୀ ଗତିଶକ୍ତି ପୋର୍ଟାଲ୍‌ରେ ପ୍ରକଳ୍ପ ମ୍ୟାପିଂ ଏବଂ ଆଗାମୀ କାର୍ଯ୍ୟପନ୍ଥା ନେଇ ମଧ୍ୟ ଆଲୋଚନା ହୋଇଥିଲା ।

## ଗୁରୁ ଦିବସରେ କବି ସୁବାସ ମହାନ୍ତିଙ୍କ 'ଚାଲ ଆମେ ଯିବା' କବିତା ସଂକଳ ଲୋକାର୍ପିତ

ଭଦ୍ରକ,୮/୯(ନି/ପ୍ର): ଭଦ୍ରକ ଜିଲ୍ଲା ତିହିଡି ବ୍ଲକ କେହ୍ଲବଜାରସ୍ଥିତ ସିଦ୍ଧାର୍ଥ ରିଭେରାଇନ ପବ୍ଲିକ ସ୍କୁଲରେ ଗୁରୁ ଦିବସ ପାଳନ ଅବସରରେ କବି ସୁବାଷ ମହାନ୍ତିଙ୍କ କବିତା ସଂକଳନ 'ଚାଲ ଆମେ ଯିବା' ଲୋକାର୍ପିତ ହୋଇଯାଇଛି । ଏହି ଅବସରରେ ସ୍କୁଲର ଅଧ୍ୟକ୍ଷ ପ୍ରଶାନ୍ତ ବାରିକଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ କବି ମୁକୁନ୍ଦଦେବ ନାୟକ, ଶିକ୍ଷାବିତ୍ ଦେବେନ୍ଦ୍ର ସାମଲ, ସ୍କୁଲର ପ୍ରଶାସିକା ବନ୍ଦନା ନାୟକ, ଶିକ୍ଷକ ବିଦ୍ୟାଧର ନାୟକ, ତନ୍ମୟ ବେହେରା, ଗୁରୁମା କାଂଚନ ଦାସ, ମାମୁନି ରାଉତ ପ୍ରମୁଖ ଅତିଥିଭାବେ ଯୋଗଦେଇ ଗୁରୁ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ କହିଥିବା ବେଳେ ସର୍ବପଲ୍ଲୀ ରାଧାକ୍ରିଷ୍ଣଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ । କବି ରବିକୁମାର ମହାନ୍ତି କବିତା ସଙ୍କଳନର ସମୀକ୍ଷା କରିଥିଲେ ।ଏହି ସଂକଳନରେ ପ୍ରେମ, ପ୍ରତାରଣା, ଜୀବନବାଦୀ, ସମାଜର ସାମ୍ପ୍ରତିକ ଚିତ୍ର, ଗାଁ ଗଣ୍ଡାର କଥା ଇତ୍ୟାଦି କବିତା ସ୍ଥାନ ପାଇଛି । ଏହା କବି ଶ୍ରୀ ମହାନ୍ତିଙ୍କର ପ୍ରଥମ କବିତା ସଂକଳନ ଅଟେ । ଇତି ପୂର୍ବରୁ ତାଙ୍କର ଏକ ଗଳ୍ପ ପୁସ୍ତକ ବାଜ୍ୟେ ଲୋକ ପ୍ରକାଶ ପାଇଛି ।

# ବିବିଧା

## ରାଶିଫଳ

ମେଷ: ଅଫିସ୍ କାର୍ଯ୍ୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଆଶା କରିଥିବା ଦିଗରୁ ଧନ ମିଳିପାରେ। ଜୀବନସାଥିଙ୍କ ସହ ହସ ଖୁସିର ସମୟ ବିତାଇବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ।

ବୃଷ: ଛାତ୍ରଛାତ୍ରୀମାନେ ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରିବେ। ନିଜ ଲୋକ ଶତ୍ରୁ ସାଜିପାରନ୍ତି। କୌଣସି କଥାକୁ ନେଇ ମନ ଉଦାସ ରହିପାରେ। କଣ୍ଠଶିଳ୍ପୀଙ୍କ ପାଇଁ ଦିନଟି ବହୁତ ଭଲ।

ମିଥୁନ: ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ।

କର୍କଟ: ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପାରିବାରିକ ଜୀବନ ସୁଖମୟ ହେବ। ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ। ଲୋକ ସମ୍ପର୍କ ବଢ଼ିବ।

ସିଂହ: ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ମନ ପ୍ରସନ୍ନ ରହିବ। ବିଦ୍ୟାର୍ଥୀ ଖେଳକୁଦରେ ସମୟ ଅତିବାହିତ କରିବେ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଯାନବାହନ କିଣିବାର ସ୍ୱପ୍ନ ସାକାର ହେବ। ସମାଜରେ ପ୍ରତିଷ୍ଠା ବଢ଼ିବ।

କନ୍ୟା: ରାଜନୀତିରେ ସାମିଲ ହୋଇପାରନ୍ତି। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ବୈବାହିକ ଜୀବନ ସୁଖମୟ ହେବ। ବନ୍ଧୁଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ। ଧାର୍ମିକ କାର୍ଯ୍ୟରେ ଯୋଗ ଦେବେ।

ତୁଳା: ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜରୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ସୁଖ ସମୃଦ୍ଧି ବୃଦ୍ଧି ପାଇବ।।

ବିଛା: କର୍ମଚଞ୍ଚଳ ରହିବେ। ମନ ପ୍ରସନ୍ନ ରହିବ। ଆୟରୁ ବ୍ୟୟ ଅଧିକ ହେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଘର ପାଇଁ ନୂଆ ଜିନିଷ କିଣିପାରନ୍ତି। କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ।

ଧନୁ: ବନ୍ଧୁଙ୍କ ସହଯୋଗରେ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଧାର୍ମିକ କାର୍ଯ୍ୟ କରିବେ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେଇପାରେ।

ମକର: ଶାରୀରିକ ଯନ୍ତ୍ରଣା ଭୋଗିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ସାହିତ୍ୟ ପ୍ରତି ରୁଚି ବଢ଼ିବ। ବ୍ୟବସାୟରେ କ୍ଷତି ଘଟିବ। ଉଧାର ଦେଇଥିବା ଟଙ୍କା ଫେରି ପାଇବେ।

କୁମ୍ଭ: ପୁରୁଣା ନିବେଶରୁ ଲାଭ ମିଳିପାରେ। କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ପାରିବାରିକ ସମ୍ପର୍କ ମଜବୁତ୍ ହେବ।

ମୀନ: ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଦିନରେ

- ୧୯୧୨- ଆମେରିକା ନୌସେନା କ୍ୟୁବା ଉପରେ ତୃତୀୟ ଥର ପାଇଁ ଆକ୍ରମଣ କଲା।
- ୧୯୫୩- ଡେନମାର୍କରେ ନୂଆ ସମ୍ବିଧାନ ଲାଗୁ ହେଲା।
- ୧୯୬୭- ଇସ୍ରାଏଲ ମିଶର ଉପରେ ଆକ୍ରମଣ କରି ୪୦୦ ବିମାନ ନଷ୍ଟ କରିଦେଲା।
- ୧୯୮୯- 'ତ୍ରିଶୂଳ' ମିସାଇଲ୍‌ର ସଫଳ ପରୀକ୍ଷଣ।
- ୨୦୦୫- ତାଇୱାନ୍ ତା'ର ପ୍ରଥମ କ୍ରୁଜ୍ ମିସାଇଲ୍‌ର ସଫଳ ପରୀକ୍ଷା କଲା।

## ଫିସ୍ ବଢ଼ାଇଲେ ରଶ୍ମିକା



ସାଉଥ୍ ଠାରୁ ଆରମ୍ଭ କରି ବଲିଉଡ୍‌ରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ଅଭିନେତ୍ରୀ ରଶ୍ମିକା ମନ୍ଦାନା। ତାଙ୍କ ପାଖରେ ଏବେ ଅନେକ ବଡ଼ ବଡ଼ ବ୍ୟାନର୍‌ର ଫିଲ୍ମ ରହିଛି। ସେ ଏବେ 'କକଟେଲ୍ ୨'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ରଶ୍ମିକା ତାଙ୍କ ଲୋକପ୍ରିୟତା ବଢ଼ିବା ଦେଖି ଇତିମଧ୍ୟରେ ପାରିଶ୍ରମିକ ବଢ଼ାଇ ଦେଇଥିବା ଚର୍ଚ୍ଚା ହେଉଛି। ନିକଟରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ରଶ୍ମିକା 'ପୁଷ୍ପା: ଦ ରାଇଜ୍' ଫିଲ୍ମ ପାଇଁ ୨ କୋଟି ଟଙ୍କା ଚାର୍ଜ କରିଥିଲେ। ହେଲେ 'ଆନିମଲ' ଫିଲ୍ମରୁ ରଶ୍ମିକା ନିଜର ଫିସ୍ କ୍ରମାଗତ ଭାବେ ବଢ଼ାଇ ଚାଲିଛନ୍ତି। 'ଆନିମଲ' ଫିଲ୍ମ ପାଇଁ ତାଙ୍କୁ ପାରିଶ୍ରମିକ ବାବଦରେ ୪ କୋଟି ଟଙ୍କା ମିଳିଥିଲା। ସେହିପରି 'ପୁଷ୍ପା: ଦ ରୁଲ୍' ପାଇଁ ସେ ୧୦ କୋଟି ଟଙ୍କା ଚାର୍ଜ କରିଥିଲେ। ଏବେ ରଶ୍ମିକା ତାଙ୍କର ଫିସ୍ ବହୁତ ଅଧିକ ବଢ଼ାଇ ଦେଇଛନ୍ତି। ସେ 'କକଟେଲ୍ ୨' ପାଇଁ ୧୫ କୋଟି ଟଙ୍କା ନେଇଥିବା ଜଣାପଡ଼ିଛି। 'କକ୍‌ଟେଲ୍ ୨'ରେ ରଶ୍ମିକାଙ୍କ ସହ ଶାହିଦ୍ କପୁର, କ୍ରିତି ସାନନ୍ ଲିଡ୍ ରୋଲରେ ନଜର ଆସିବେ। ଏହା ଆସନ୍ତା ଜୁନ୍ ୧୯ ରେ ରିଲିଜ୍ ହେବ।





ପ୍ରକୃତି ଓ ପରିବେଶର ସୁରକ୍ଷା ଦିଗରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ପ୍ରତିବର୍ଷ ଜୁନ୍ ୫ ତାରିଖରୁ ବିଶ୍ୱ ପରିବେଶ ଦିବସ ଭାବେ ପାଳନ କରାଯାଉଛି। ବିଶ୍ୱର ପ୍ରାୟ ୧୪୩ଟି ରାଷ୍ଟ୍ରରେ ଏହି ଦିବସ ପାଳନ କରାଯାଇଥାଏ। ମଣିଷ ନିଜର ଜାଣତରେ କିମ୍ବା ଅଜାଣତରେ ପରିବେଶ ପ୍ରତି ଅନେକ ଅନ୍ୟାୟ କରିଥାଏ। ନିଜର ଉନ୍ନତି ଓ ଜୀବିକା ନିର୍ବାହ ପାଇଁ ଗଛ କାଟିବାଠାରୁ ଆରମ୍ଭ କରି କଳ କାରଖାନା ପ୍ରତିଷ୍ଠା, ଯାନବାହନ ତିଆରି ଆଦି ଅନେକ ଜିନିଷ କରିଥାଏ। ଅହେତୁକ ଭାବେ ଜଙ୍ଗଲ ନଷ୍ଟ, ମାତ୍ରାଧିକ କଳକାରଖାନା, ବହୁଳ ମାତ୍ରାରେ ପ୍ଲାଷ୍ଟିକ୍‌ର ଉପଯୋଗ, ରାସାୟନିକ ସାମଗ୍ରୀର ଅତ୍ୟଧିକ ବ୍ୟବହାର ଯୋଗୁଁ ପୃଥିବୀ ଧୀରେଧୀରେ ଯେମିତି ବିନାଶ ଆଡ଼କୁ ଗତି କରୁଛି। ତେଣୁ ଏହି ଘୋର ସଙ୍କଟରୁ ବେଳହୁଁ ସାବଧାନ ହେବା ପାଇଁ ମିଳିତ ଜାତିସଙ୍ଘ ପକ୍ଷରୁ ଜୁନ୍ ୫ ତାରିଖକୁ ବିଶ୍ୱ ପରିବେଶ ଦିବସ ଭାବରେ ପାଳନ କରାଯାଉଛି ଯାହାର ରୂପରେଖ ପ୍ରଥମେ ୧୯୭୨ ମସିହାରେ ପ୍ରସ୍ତୁତ କରାଯାଇଥିଲା। ସେହି ଦିନଠାରୁ ଜନସଚେତନତା ସୃଷ୍ଟି କରିବାପାଇଁ ପ୍ରତିବର୍ଷ ବିଶ୍ୱର ଜଣେ ଜଣେ ଦେଶ ନିଜକୁ ଆବାହକ ହିସାବରେ ପରିଗଣିତ କରି ସାରା ବିଶ୍ୱରେ ଏହାର ପ୍ରଚାର କରାଇଥାନ୍ତି। ଚଳିତବର୍ଷ ଏହି ଆନ୍ତର୍ଜାତୀୟ ଦିବସର ମୁଖ୍ୟ ଆୟୋଜନ ଆଜରବୈଜାନ ଦେଶର ବାକୁ ସହରରେ କରାଯାଉଛି। ନିଜର ସ୍ୱାର୍ଥ ହାସଲ ପାଇଁ ମାନବ ସମାଜ ପ୍ରକୃତି ଓ ପରିବେଶର ସନ୍ତୁଳନକୁ ବିଗାଡ଼ିସାରିଛି। ଫଳରେ ଜଙ୍ଗଲସମ୍ପଦ ଓ ବନ୍ୟଜନ୍ତୁଙ୍କ ଜୀବନ ଏବେ ବିପଦରେ ପଡ଼ିଛି। କେବଳ ସେତିକି ନୁହେଁ, କିଛି ବର୍ଷ ପୂର୍ବେ ମଣିଷର ପରମାୟୁ ୮୦ବର୍ଷରୁ ଉର୍ଦ୍ଧ୍ୱ ଥିବାବେଳେ ବର୍ତ୍ତମାନ ତାହା ୬୦ରୁ ୬୫ ବର୍ଷକୁ ଖସିଆସିଛି। ବର୍ଷାର ପରିମାଣ କମୁଥିବା ବେଳେ ବିଶ୍ୱ ତାପନ ଏବେ ଚିନ୍ତାର ପ୍ରସଙ୍ଗ ପାଲଟିଛି। ମଣିଷ ଯଦି ନିଜ ପରିବେଶକୁ ପରିଷ୍କାର ଓ ପରିଚ୍ଛନ୍ନ ରଖିବାକୁ ଯଥାସାଧ୍ୟ ପ୍ରଯତ୍ନ କରେ, ତେବେ ପ୍ରକୃତିରାଣୀ ହସିଉଠିବ। ଅନ୍ୟଥା ଏହା ମଣିଷର ପ୍ରତିଟି ପରିବେଶ ପ୍ରତିକୂଳ ପଦକ୍ଷେପର ହିସାବ ନେବ ଏବଂ ପ୍ରତିକ୍ରିୟା ପ୍ରକାଶ କରିବ। ଏ ପ୍ରତିକ୍ରିୟା ସାମାନ୍ୟ ନୁହେଁ, ବରଂ ଅତ୍ୟନ୍ତ ଭୟଙ୍କର ହେବ, ଯାହା ଜଳବାୟୁ ପରିବର୍ତ୍ତନକୁ ଅସ୍ୱାଭାବିକତା ଭାବେ ବିକୃତ କରିପକାଇବ। ପରିଶେଷରେ ଏହା ବନ୍ୟା, ବାତ୍ୟା, ଭୂମିକମ୍ପ, ମରୁଡ଼ି, ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଭଳି ମାନବ ବିଧ୍ୱଂସକାରୀ ଘଟଣାକୁ ବହୁଗୁଣିତ କରିଦେବ। ଚଳିତବର୍ଷ ବିଶ୍ୱ ପରିବେଶ ଦିବସର ବିଷୟବସ୍ତୁ ରହିଛି- "ପ୍ରକୃତି ଦ୍ୱାରା ଅନୁପ୍ରାଣିତ। ଜଳବାୟୁ ପାଇଁ। ଆମ ଭବିଷ୍ୟତ ପାଇଁ।"

## ଫେରିବେ ବିଲୁପ୍ତ ପକ୍ଷୀ !

ଆମେରିକାର ବାୟୋଟେକ୍ କମ୍ପାନୀ 'କୋଲୋସାଲ୍ ବାୟୋସାଇନ୍ସେସ୍' ଥ୍ରୀଡି ପ୍ରିଣ୍ଟେଡ୍ କୃତ୍ରିମ ଅଣ୍ଡାରୁ ସଫଳତାର ସହ ୨୬ଟି ସୁସ୍ଥ ଚିଆଁ ବାହାର କରି ଏକ ବୈପ୍ଲବିକ ସଫଳତା ହାସଲ କରିଛି। ଏହି ଅଭିନବ କୌଶଳ ବିଲୁପ୍ତ ପକ୍ଷୀଙ୍କୁ ପୁନର୍ଜୀବିତ କରିବା ଦିଗରେ ଏକ ବଡ଼ ପଦକ୍ଷେପ ହେବ ବୋଲି କୁହାଯାଉଛି। ଇତିହାସରେ ପ୍ରଥମଥର ପାଇଁ କୌଣସି ଜୀବନ୍ତ ପକ୍ଷୀର ସାହାଯ୍ୟ ନନେଇ ଏକ ସମ୍ପୂର୍ଣ୍ଣ କୃତ୍ରିମ ପରିବେଶରେ ଭ୍ରୂଣ ବିକଶିତ ହୋଇ ପୂର୍ଣ୍ଣାଙ୍ଗ ଛୁଆରେ ପରିଣତ ହୋଇଛି। ବୈଜ୍ଞାନିକମାନେ ଥ୍ରୀଡି ପ୍ରିଣ୍ଟେଡ୍ ଟାଇଟାନିୟମ୍ ଏବଂ ସିଲିକନ୍ ଝିଲ୍ଲି ବ୍ୟବହାର କରି ଏକ କୃତ୍ରିମ ଅଣ୍ଡା ଖୋଳପା ତିଆରି କରିଥିଲେ, ଯାହା ପ୍ରାକୃତିକ ଅଣ୍ଡା ଭଳି ଅମ୍ଳଜାନ ଭିତରକୁ ଯିବାକୁ ଦିଏ ଏବଂ ଭ୍ରୂଣକୁ ବଢ଼ିବାରେ ସାହାଯ୍ୟ କରେ। ଏହି ଟେକ୍ନିକ୍ ସାହାଯ୍ୟରେ କମ୍ପାନୀ ନିଉଜିଲ୍ୟାଣ୍ଡର ବିଶାଳକାୟ ଏବଂ ବିଲୁପ୍ତ ପକ୍ଷୀ 'ସାଉଥ୍ ଆଇଲ୍ୟାଣ୍ଡ୍ ଜାଏଣ୍ଟ ମୋଆ'କୁ ପୁନର୍ଜୀବିତ କରିବାକୁ ଲକ୍ଷ୍ୟ ରଖିଛି। ଡାଇନୋସର୍ ଯୁଗ ପରେ ମୋଆ ପୃଥିବୀର ସବୁଠାରୁ ବଡ଼ ପକ୍ଷୀ ଥିଲା। ଏହାର ଉଚ୍ଚତା ୧୨ ଫୁଟ ଏବଂ ଓଜନ ପ୍ରାୟ ୨୫୦ କିଲୋଗ୍ରାମ ଥିଲା। ଏହା ଉଡ଼ିପାରୁ ନ ଥିଲା ଏବଂ ମଣିଷଙ୍କ ଦ୍ୱାରା ଶିକାର ହୋଇ ବିଲୁପ୍ତ ହୋଇଯାଇଥିବା କୁହାଯାଏ। ସେହିପରି ଏହାର ଅଣ୍ଡା ଖୁବ୍ ବଡ଼ ଥିଲା। ଏହି ସଫଳତା ଦ୍ୱାରା 'ଡୋଡୋ' ଏବଂ 'ମୋଆ' ଭଳି ବିଶାଳକାୟ ବିଲୁପ୍ତ ପକ୍ଷୀଙ୍କ ପ୍ରଜନନ ଏବଂ ଇନକ୍ୟୁବେସନ୍ କରିବାର ବାଟ ସହଜ ହୋଇଯିବ ବୋଲି ବୈଜ୍ଞାନିମାନେ ଆଶାବାଦୀ ଅଛନ୍ତି। ତେବେ ପ୍ରାରମ୍ଭିକ ଅବସ୍ଥାରେ ଏହି ଟେକ୍ନିକ୍‌କୁ ଭଲ ଭାବରେ ବୁଝିବା ଲାଗି ଏହାକୁ କୁକୁଡ଼ାଙ୍କ ଉପରେ ପରୀକ୍ଷା କରାଯାଇଥିଲା। ଏହି ଅଭିନବ ବୈଷୟିକ ଜ୍ଞାନକୌଶଳ ମାଧ୍ୟମରେ ଏପର୍ଯ୍ୟନ୍ତ ୨୬ଟି ସୁସ୍ଥ କୁକୁଡ଼ା ଛୁଆ ଜନ୍ମ ହୋଇସାରିଛନ୍ତି। ଏହି ସଫଳତା ପରେ ବି ଅନେକ ବୈଜ୍ଞାନିକ ଏହାକୁ ନେଇ ଚିନ୍ତାପ୍ରକଟ କରିଛନ୍ତି। ବିଲୁପ୍ତ ପ୍ରଜାତିଗୁଡ଼ିକୁ ପୁଣି ଥରେ ଫେରାଇ ଆଣିଲେ ଏହା ପରିବେଶ ଉପରେ ନକାରାତ୍ମକ ପ୍ରଭାବ ପକାଇପାରେ ବୋଲି କିଛି ବୈଜ୍ଞାନିକ ଚେତାଇ ଦେଇଛନ୍ତି। ଭାରତୀୟ ବୈଜ୍ଞାନିକମାନେ ମଧ୍ୟ ଏହି ସଫଳତା ଉପରେ ନିଜର ମତ ଦେଇଛନ୍ତି। ସେମାନଙ୍କ କହିବା ଅନୁଯାୟୀ, ଏହି ଟେକ୍ନୋଲୋଜି ଭାରତରେ ବିପଦାପନ୍ନ ପକ୍ଷୀ ଯଥା ସାଇବେରିଆନ୍ କ୍ରେନ୍ କିମ୍ବା ଅନ୍ୟାନ୍ୟ ବିରଳ ପ୍ରଜାତିଗୁଡ଼ିକୁ ଲୁପ୍ତ ହେବାରୁ ରକ୍ଷା କରିପାରିବ।



## ଖରାଦିନେ ଚର୍ମ ଆଲର୍ଜି

**ଖରାଦିନେ ତାପମାତ୍ରା ବୃଦ୍ଧି ମନୁଷ୍ୟ ଶରୀର ସହିତ ଚର୍ମ ଉପରେ ପ୍ରଭାବ ପକାଇଥାଏ। ଏହି ଦିନେ ସିଧାସଳଖ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସିଲେ ଶରୀରରୁ ଝାଳ ବାହାରିଥାଏ। ଝାଳରୁ ଚର୍ମର ତୈଳାଂଶ ବାହାରି ଯାଇଥାଏ। ଏହା କବକ ଓ ଜୀବାଣୁ ବୃଦ୍ଧି କରୁଥିବାରୁ ଚର୍ମ ଶୁଷ୍କ ହୋଇ ଆଲର୍ଜି ସୃଷ୍ଟି ହୋଇଥାଏ। ଘିମିରି ମଧ୍ୟ ଆଲର୍ଜି ସୃଷ୍ଟି କରିବାର ଆଉ ଏକ କାରଣ। ସୂର୍ଯ୍ୟଙ୍କର ଅତି ବାଇଗଣୀ ରଶ୍ମି ଚର୍ମରେ ବୟସ ପୂର୍ବରୁ କୁଞ୍ଚନ, ଦାଗ କରେ। ଏହି ଅବସ୍ଥା ଅଧିକ ଦିନ ରହି ଚର୍ମ କର୍କଟ ହେବାର ଆଶଙ୍କାକୁ ବଢ଼ାଏ। ତେଣୁ ଖରାଦିନେ ଚର୍ମର ସୁରକ୍ଷା ପ୍ରତି ବିଶେଷ ଧ୍ୟାନ ଦିଆଯିବା ଜରୁରି।**

ଆଲର୍ଜି ବିଭିନ୍ନ ପ୍ରକାର ରହିଛି। ଆଲର୍ଜି ହେଲେ ଚର୍ମ ଶୁଷ୍କ ପଡ଼ିବା ସହ ଲାଲ୍ ହୋଇଯାଏ। ଲଗାତାର କୁଣ୍ଡାଇ ହୁଏ। ଜଳା ପୋଡ଼ା ହୁଏ। ଆଲର୍ଜି ଯୋଗୁଁ ସର୍ଦ୍ଦି, ଥଣ୍ଡା, କାଶ ଆଦି ହୋଇପାରେ। ତେଣୁ ଚର୍ମକୁ ସୁରକ୍ଷିତ ରଖିବା ପାଇଁ ନିଜ ଚର୍ମ ଅନୁଯାୟୀ ଡାକ୍ତରଙ୍କ ପରାମର୍ଶ ଅନୁସାରେ ସନସ୍କ୍ରିନ୍ ଲଗାଇବା ଆବଶ୍ୟକ। ପ୍ରଚୁର ପାଣି ପିଇବା ସହ ସ୍ୱଚ୍ଛତାକୁ ଧ୍ୟାନ ଦେବା ଜରୁରି। ଅଧିକ ଗରମ ସମୟରେ ବାହାରକୁ ଯାଉଥିଲେ, ପତଳା ସୂତା ପୋଷାକରେ ଦେହକୁ ଆବୃତ୍ତ କରି ରଖିବା ଆବଶ୍ୟକ। ସୁଷମ ଏବଂ ଉତ୍ତମ ଖାଦ୍ୟ ସହିତ, ଆବଶ୍ୟକ ଅନୁସାରେ ସୂର୍ଯ୍ୟାଲୋକ, ପାଣି ଗ୍ରହଣ ଏବଂ ଡ଼ାକ୍ତରଙ୍କ ପରାମର୍ଶ ଅନୁସାରେ କ୍ରିମ ବ୍ୟବହାର କଲେ, ଚର୍ମ ସୁସ୍ଥ, ସତେଜ ଏବଂ ସୁରକ୍ଷିତ ରହିପାରିବ।



ଆୟୁର୍ବେଦ ଉପାୟରେ କଞ୍ଚା ହଳଦୀ, ନିମପତ୍ରବଟା ଗାଧୋଇବାର ଅଧଘଣ୍ଟା ପୂର୍ବରୁ ଶରୀରରେ ଲଗାଇ ଗାଧୋଇବା ଆବଶ୍ୟକ। ସେହିପରି ଲେମ୍ବୁ, ମହୁ, ମସୁରଡାଲିର ଗୁଣ୍ଡ, ଗୋଲାପଜଳ ଏହାର ଲେପ ଗାଧୋଇବାର ଅଧଘଣ୍ଟା ପୂର୍ବରୁ ସମ୍ପୂର୍ଣ୍ଣ ଶରୀରରେ ଲଗାଇ ଗାଧୋଇବା ଦ୍ୱାରା ତ୍ୱଚା ଚିକ୍କଣ ହୁଏ।




## 'ସକାଳ'ର ସ୍ୱାସ୍ଥ୍ୟ
## ଇବୋଲା ସଂକ୍ରମଣ



ଇବୋଲା (Ebola) ଏକ ଭୟଙ୍କର ଜଟିଳ ଭୂତାଣୁ। ଏହାର ସଂକ୍ରମଣ ପ୍ରାଣଘାତୀ ମଧ୍ୟ ହୋଇପାରେ। ଏହା ପ୍ରଥମେ ୧୯୭୬ ମସିହାରେ ଆଫ୍ରିକାର କଙ୍ଗୋ ଅଞ୍ଚଳରେ ଚିହ୍ନଟ ହୋଇଥିଲା। ଏହା ମନୁଷ୍ୟ ଓ କିଛି ପ୍ରାଣୀଙ୍କ ଶରୀରକୁ ଆକ୍ରମଣ କରି ଗୁରୁତର ରକ୍ତସ୍ରାବ, ଅଙ୍ଗ ଗୁଡ଼ିକ ବିକଳାଙ୍ଗ କରି ଶେଷରେ ମୃତ୍ୟୁ ଆଶଙ୍କା ରହିଥାଏ। ଅତୀତରେ ଦେଖାଦେଇଥିବା ସଂକ୍ରମଣ ସମୟରେ ୨୫% ରୁ ୯୦% ପର୍ଯ୍ୟନ୍ତ ମୃତ୍ୟୁହାର ରହିଥିବା ରେକର୍ଡ ରହିଛି। ତେବେ ବର୍ତ୍ତମାନ ପୁଣିଥରେ କଙ୍ଗୋ ଓ ଉଗାଣ୍ଡାରେ ଇବୋଲା ଭୂତାଣୁର ଆତଙ୍କ ଦେଖିବାକୁ ମିଳିଛି। ଶତାଧିକ ସନ୍ଦିଗ୍ଧ ଚିହ୍ନଟ ପରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଜରୁରି ଘୋଷଣା କରିଥିବାରୁ ଏଥିପାଇଁ ଭାରତ ମଧ୍ୟ ସତର୍କତା ଅବଲମ୍ବନ କରିବା ଜରୁରି ମନେ କରାଯାଉଛି।

ଇବୋଲା ରୋଗ Orthoebolavirus ନାମକ ଭାଇରସ୍ ଗୋଷ୍ଠୀ ଦ୍ୱାରା ସୃଷ୍ଟି ହୁଏ। ବୈଜ୍ଞାନିକମାନଙ୍କ ମତାନୁସାରେ ଫଳ ଖାଉଥିବା (fruit bats) ଏହାର ପ୍ରାକୃତିକ ବାହକ ହୋଇପାରନ୍ତି। ଭାଇରସ ପ୍ରଥମେ ପଶୁରୁ ମନୁଷ୍ୟକୁ ଏବଂ ପରେ ମନୁଷ୍ୟରୁ ମନୁଷ୍ୟକୁ ସଂକ୍ରମିତ ହୋଇଥାଏ। ଆକ୍ରାନ୍ତ ବ୍ୟକ୍ତିଙ୍କଠାରେ ରକ୍ତ ପଡିବା, ବାନ୍ତି, ଲାଳ, ଝାଳ ବାହାରିବା ଭଳି ଲକ୍ଷଣ ଦେଖା ଦେଇଥାଏ। ଆକ୍ରାନ୍ତ ବ୍ୟକ୍ତିଙ୍କ ବସ୍ତ୍ର, ବେଡ଼ସିଟ୍, ଚିକିତ୍ସା ସାମଗ୍ରୀ ଇତ୍ୟାଦି ସ୍ପର୍ଶ କରିବା ବା ସଂକ୍ରମିତ ପଶୁ କିମ୍ବା ପ୍ରାଣୀର ଶରୀର ସଂସ୍ପର୍ଶରେ ଆସିଲେ ଏହା ବ୍ୟାପିଥାଏ। ସଂକ୍ରମଣ ପରେ ସାଧାରଣତଃ ୨ ରୁ ୨୧ ଦିନ ମଧ୍ୟରେ ଲକ୍ଷଣ ଦେଖାଯାଇପାରେ। ଯାହାର ପ୍ରାରମ୍ଭିକ ଲକ୍ଷଣ ତୀବ୍ର ଜ୍ୱର, ଭୟଙ୍କର ମୁଣ୍ଡବିନ୍ଧା, ଶରୀର ଓ ମାଂସପେଶୀ ଯନ୍ତ୍ରଣା, ଅତ୍ୟଧିକ ଦୁର୍ବଳତା, ଗଳା ଯନ୍ତ୍ରଣା ହୋଇ ପରବର୍ତ୍ତୀ ସମୟରେ ବାନ୍ତି ଓ ଡ଼ାଇରିଆ, ପେଟ ଯନ୍ତ୍ରଣା, ଚର୍ମରେ ଦାଗ, ଆଖି ଲାଲ ହେବା, ନାକ କିମ୍ବା ଶରୀରର ଭିତର/ ବାହାର ରକ୍ତସ୍ରାବ (କେତେକ ମାମଲାରେ) ଭଳି ଲକ୍ଷଣ ଦେଖାଦେଇଥାଏ।

ଏଭଳି ପରିସ୍ଥିତିରେ ପ୍ରତିକାର ଓ ଚିକିତ୍ସା ଜରୁରି ହୋଇପଡ଼େ। ବର୍ତ୍ତମାନ ଇବୋଲା ପାଇଁ ଶୀଘ୍ର ସହାୟକ ଚିକିତ୍ସା ଯଥା- ଶରୀରରେ ପାଣି ଓ ଲବଣର ସମତୁଳନ ରଖିବା, ଲକ୍ଷଣ ଅନୁଯାୟୀ ଚିକିତ୍ସା ଜୀବନରକ୍ଷାରେ ଗୁରୁତ୍ୱପୂର୍ଣ୍ଣ। ଏହାର ପ୍ରତିରୋଧ ପାଇଁ ଆକ୍ରାନ୍ତ ବ୍ୟକ୍ତିଙ୍କଠାରୁ ଦୂରରେ ରହିବା, ହାତ ସାବୁନ/ ସାନିଟାଇଜରରେ ଧୋଇବା, ରକ୍ତ କିମ୍ବା ଶରୀରର ତରଳ ସହ ସିଧା ସଂସ୍ପର୍ଶ ଏଡ଼ାଇବା, ସ୍ୱାସ୍ଥ୍ୟକର୍ମୀମାନେ ସୁରକ୍ଷା ସାମଗ୍ରୀ (PPE) ବ୍ୟବହାର କରିବା, ଆକ୍ରାନ୍ତ ଅଞ୍ଚଳକୁ ଯିବାବେଳେ ସ୍ୱାସ୍ଥ୍ୟ ନିର୍ଦ୍ଦେଶ ମାନିବା ଭଳି ବହୁ ଗୁରୁତ୍ୱ ପୂର୍ଣ୍ଣ ବିଷୟ ପ୍ରତି ଧ୍ୟାନ ଦେବାର ଆବଶ୍ୟକତା ରହିଛି।

- ଡାକ୍ତର ରାଜାରାମ ଷଡ଼ଙ୍ଗୀ
ସମ୍ବଲପୁର



## ସ୍ତନ କର୍କଟର ମାରାତ୍ମକତା ଜଣାଇବ ପରୀକ୍ଷା

ସ୍ତନ କର୍କଟ ଏକ ମାରାତ୍ମକ ବ୍ୟାଧି। ଏହାର ଚିକିତ୍ସା ପାଇଁ ଅସ୍ତ୍ରୋପଚାର, କେମୋଥେରାପି, ହରମୋନ୍ ଥେରାପି ଆଦି ପ୍ରୟୋଗ କରାଯାଇଥାଏ। କର୍କଟ ଚିକିତ୍ସାରେ କେମୋଥେରାପିର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲେ ବି ପୀଡ଼ିତାଙ୍କ କ୍ଷେତ୍ରରେ ଏହାର କିଛି ପାର୍ଶ୍ୱପ୍ରତିକ୍ରିୟା ଦେଖାଯାଏ। ହେଲେ ଏବେ ଗୋଟିଏ ପରୀକ୍ଷାରୁ ସ୍ତନ କର୍କଟର ମାରାତ୍ମକତା ବିଷୟରେ ଜଣାପଡ଼ିବ। ସ୍ତନ ଟାଣ ଲାଗିଲେ, ସ୍ତନର ଆକାର କିମ୍ବା ଚର୍ମରେ ପରିବର୍ତ୍ତନ ଆଦି ହେଲେ କର୍କଟ ବିଶେଷଜ୍ଞଙ୍କ ପରାମର୍ଶରେ 'ପ୍ରୋସିଗ୍ନା' ବା ଜେନୋମିକ୍ ପରୀକ୍ଷା କରାଯାଇପାରିବ। ଏହି ପରୀକ୍ଷା ମୁଖ୍ୟତଃ ସ୍ତନ କର୍କଟର ପ୍ରାରମ୍ଭିକ ପର୍ଯ୍ୟାୟ, ହର୍‌ମୋନ୍ ରିସେପ୍ଟର ପଜିଟିଭ, HER2 ନେଗେଟିଭ୍ ପାଇଁ ବିଶେଷ ଫଳପ୍ରଦ। ଏହି ପରୀକ୍ଷା ପାଇଁ ବାୟୋପ୍ସି ଏବଂ ସର୍ଜରୀ ଦ୍ୱାରା ସ୍ତନରୁ କୋଷ ନେଇ ଲ୍ୟାବକୁ ପଠାଯାଏ। ଏହା ସ୍ତନରେ ଥିବା ୫୦ଟି ଜିନ୍‌ର ଗତିବିଧିକୁ ବିଶ୍ଳେଷଣ କରି କର୍କଟ କେତେ ମାରାତ୍ମକ ହୋଇଛି ତାହା ଜଣାଇଥାଏ। ଏହାଦ୍ୱାରା କର୍କଟ ବିଶେଷଜ୍ଞ ପୀଡ଼ିତାଙ୍କୁ କେମୋଥେରାପି ନେବାର ଆବଶ୍ୟକତା ଅଛି କି ନାହିଁ ତାହା ନିର୍ଦ୍ଧାରଣ କରି ପାରନ୍ତି। ଦୀର୍ଘ ୧୦ ବର୍ଷର ଅନ୍ତରାଷ୍ଟ୍ରୀୟ ପରୀକ୍ଷଣ 'ଅପ୍ଟିମା'ରୁ ଏହା ମଧ୍ୟ ପ୍ରମାଣିତ ହୋଇଛି ଯେ, ପ୍ରୋସିଗ୍ନା ପରୀକ୍ଷାରେ ବିପଦର ଆଶଙ୍କା ଯଦି କମ୍ ଥାଏ ତେବେ କେମୋଥେରାପି ଏବଂ କେମୋଥେରାପିଜନିତ ପାର୍ଶ୍ୱପ୍ରତିକ୍ରିୟାକୁ ଏଡ଼ାଇ ଦେଇ ହେବ। ପୀଡ଼ିତାଙ୍କୁ କେମୋଥେରାପି ବଦଳରେ କେବଳ ହରମୋନ୍ ଥେରାପି/ ରେଡିଓଥେରାପି ଦିଆଯାଇ ସୁରକ୍ଷିତ ଭାବେ ଚିକିତ୍ସା କରାଯାଇପାରିବ। ଏହାଦ୍ୱାରା ପୀଡ଼ିତା କେମୋଥେରାପିର ପାର୍ଶ୍ୱ ପ୍ରତିକ୍ରିୟାରୁ ବଞ୍ଚିତ ରହିପାରନ୍ତି।

## ଘର ବଇଦ
## ହିକ୍‌କାର ଉପଚାର

ମୟୂର ଚନ୍ଦ୍ରିକାକୁ ଅନ୍ତର୍ଧୂମରେ ଭସ୍ମ କରି ସେହି ଭସ୍ମରେ ପିପ୍‌ପଳୀ ଚୂର୍ଣ୍ଣ ଓ ମହୁ ମିଶାଇ ରଖିବେ। ପ୍ରତି ୫ ମିନିଟ୍‌ରେ ସେଥିରୁ ଟିକିଏ ଲେଖାଏଁ ଚାଟି ଖାଇଲେ ହିକ୍‌କା ବନ୍ଦ ହୁଏ।

- କଞ୍ଚା କଇଥର ରସ, ମହୁ ଓ ପିପ୍‌ପଳୀ ଚୂର୍ଣ୍ଣ ସହିତ ଖାଇବେ।
- ବିରି ଚୂନାକୁ ଚିଲମରେ ପୂରାଇ ବା ସିଗାରେଟ ପରି କରି ନିଆଁ ଲଗାଇ ତାର ଧୂଆଁ ପିଇଲେ ହିକ୍‌କା ବନ୍ଦ ହୁଏ।
- ଶୁଖିଲା ହଳଦୀପତ୍ରକୁ ସିଗାରେଟ୍ ପରି କରି ଧୂଆଁ ପାନ କଲେ ଅତି ଦୁସ୍ତର ହିକ୍‌କା ବନ୍ଦ ହୁଏ।
- ଗୋଟିଏ କାଗେଜିଲେମ୍ବୁ ଭିତରେ ସାମାନ୍ୟ ସୈନ୍ଧବ ଲବଣ ପୁରାଇ ନିଆଁରେ ତତାଇ ଚିପୁଡ଼ି ଅଳ୍ପ ପାଣି ମିଶାଇ ପିଇଲେ ତତ୍‌କ୍ଷଣାତ୍ ହିକ୍‌କା ରୋଗ ଭଲ ହୁଏ।

(ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)

## ହୃଦ୍‌ଘାତର ପ୍ରାଥମିକ ନିଦାନ

ବିଶୃଙ୍ଖଳିତ ଜୀବନଶୈଳୀ, ଅନିୟନ୍ତ୍ରିତ ଉଚ୍ଚରକ୍ତଚାପ ଓ ରକ୍ତ ଶର୍କରା ଆଦି ହୃଦ୍‌ସ୍ୱାସ୍ଥ୍ୟକୁ ପ୍ରଭାବିତ କରୁଛି। ଏହାଦ୍ୱାରା ଅଧିକାଂଶଙ୍କଠାରେ ହୃଦ୍‌ରୋଗ ଦେଖାଯାଏ। ତେଣୁ ହୃଦ୍‌ଘାତ ସମସ୍ୟାକୁ ଏଡ଼ାଇବା ପାଇଁ ପ୍ରାଥମିକ ପରୀକ୍ଷା ବିଷୟରେ ସମସ୍ତେ ସଚେତନ ହେବା ନିହାତି ଆବଶ୍ୟକ। କୌଣସି ବ୍ୟକ୍ତିଙ୍କର ଛାତିରେ ଯନ୍ତ୍ରଣା ହେବା, ଧଇଁ ସଇଁ ଲାଗିବା, ଅସ୍ୱାଭାବିକ ଭାବେ ହାଲିଆ ଲାଗିବା କିମ୍ବା ଛାତି ଧଡ଼ଧଡ଼ ହେବା ଆଦି ଲକ୍ଷଣ ଦେଖାଗଲେ କେତେଗୁଡ଼ିଏ ପ୍ରାଥମିକ ପରୀକ୍ଷା କରାଇବା ନିହାତି ଜରୁରି। ତନ୍ମଧ୍ୟରେ ରକ୍ତରେ କିଛି ପରୀକ୍ଷା ରହିଛି। ଯେପରିକି ସିବିସି, ରକ୍ତ ଶର୍କରା, ୟୁରିଆ କ୍ରିଏଟିନିନ୍, ଲିପିଡ଼ ପ୍ରୋଫାଇଲ ଏବଂ ଲିଭର ଫଙ୍କସନ୍ ଟେଷ୍ଟ ପ୍ରାଥମିକ ଭାବେ ପରୀକ୍ଷା କରାଇନେବା ଜରୁରି। ଏହା ପରେ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ହେଉଛି ଇସିଜି। ଅଳ୍ପ ଖର୍ଚ୍ଚରେ ଅନେକ ସ୍ଥାନରେ ସହଜରେ ଏହି ପରୀକ୍ଷା ହୋଇପାରେ। ଏହି ପରୀକ୍ଷାରୁ ହୃତ୍‌ପିଣ୍ଡ ସମ୍ବନ୍ଧୀୟ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳି ପାରିଥାଏ। ସେହିପରି ସ୍ୱତନ୍ତ୍ର ଭାବେ ହୃଦ୍‌ଘାତ ବିଷୟରେ ଜାଣିବା ପାଇଁ ରକ୍ତରେ ଗୋଟିଏ ନିର୍ଦ୍ଦିଷ୍ଟ ପରୀକ୍ଷା କରାଯାଇଥାଏ। ଏହି ପରୀକ୍ଷାକୁ ଟ୍ରୋପୋନିନ୍ (Troponin Test) କୁହାଯାଏ। ଏହା ମୁଖ୍ୟତଃ ଦୁଇ ପ୍ରକାରର ହୋଇଥାଏ। ଟ୍ରପ୍-ଟି ଏବଂ ଟ୍ରପ୍-ଆଇ। ଏହାପରେ କାର୍ଡିଓଲୋଜିଷ୍ଟ ରୋଗୀର ଇକୋ ପରୀକ୍ଷା କରି ହୃଦଯନ୍ତ୍ରର କାର୍ଯ୍ୟଦକ୍ଷତା ବିଷୟରେ ଅତ୍ୟାବଶ୍ୟକ ତଥ୍ୟ ହାସଲ କରିଥାନ୍ତି।

## କସମେଟିକ୍ ସର୍ଜରୀ ପରେ ତ୍ୱଚାର ଯତ୍ନ

ଆଧୁନା ଶରୀରର ପ୍ରତ୍ୟେକ ଅଙ୍ଗପ୍ରତ୍ୟଙ୍ଗର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ କସମେଟିକ୍ ସର୍ଜରୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କସ୍‌ମେଟିକ୍ ସର୍ଜରୀ ପରେ ତ୍ୱଚାର ଯତ୍ନ ନେବା ଏକାନ୍ତ ଆବଶ୍ୟକ। ଆମ ରାଜ୍ୟର ଜଳବାୟୁ ଅଧିକ ଧୂଳିକଣା, ତାପମାତ୍ରା ଓ ଆର୍ଦ୍ରତାପୂର୍ଣ୍ଣ। ତେଣୁ ଚର୍ମ ସିଧାସଳଖ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସିଲେ, ଅସ୍ତ୍ରୋପଚାର ସ୍ଥାନଟି କ୍ଷତି ହୋଇପାରେ। ଖରାଦିନେ ଘା' ଶୁଖିବାକୁ ସମୟ ଲାଗେ। ତେଣୁ ସର୍ଜରୀ ପରେ ୫ରୁ ୧୦ଦିନ ଖରାକୁ ବାହାରିବା ଅନୁଚିତ। ଏସି କିମ୍ବା ଫଙ୍କା ତଳେ ରହିବା ଆବଶ୍ୟକ। ରାସାୟନିକଯୁକ୍ତ ଉତ୍ପାଦ ବ୍ୟବହାର ନ କରି ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ସନସ୍କ୍ରିନ୍ ବ୍ୟବହାର କରିବା ଫଳପ୍ରଦ। ସର୍ଜରୀ ପରେ ଅଧିକ ଝାଳ ଚର୍ମ ପାଇଁ କ୍ଷତିକାରକ। ଝାଳ ଅସ୍ତ୍ରୋପଚାର ସ୍ଥାନକୁ ଓଦାଳିଆ ରଖେ। ଏଠାରେ ଜୀବାଣୁ ବୃଦ୍ଧି ପାଇ ସଂକ୍ରମଣ ହୁଏ। ଏଥିପ୍ରତି ଧ୍ୟାନ ଦେବା ଜରୁରି। ସର୍ଜରୀ ପରେ ଅଧିକ ପରିଶ୍ରମ କରିବା ଅନୁଚିତ। ସର୍ଜରୀର ପାଞ୍ଚଦିନ ପରେ ଗାଧୋଇ ପାରିବେ। ଦିନକୁ ପ୍ରଚୁର ମାତ୍ରାର ପାଣି ପିଇବା ଆବଶ୍ୟକ। ସର୍ଜରୀ ପରେ ଡାକ୍ତରଙ୍କ ପରାମର୍ଶ ମାନିବା ନିହାତି ଆବଶ୍ୟକ।

# ଉତ୍କଳ ସମାଚାର

## ସମ୍ପାଦକୀୟ...

### ବୁଧବାର ୯ ସେପ୍ଟେମ୍ବର ୨୦୨୬

# 'ଜାତି' ପ୍ରଶ୍ନ

ପ୍ରକୃତ ବିଡ଼ମ୍ବନାଟି ହେଲା, ଅନୁସୂଚିତ ଜାତି ଓ ଜନଜାତି ବର୍ଗରୁ ମୁଖ୍ୟ-ସ୍ରୋତୀୟ ହୋଇଥିବାର ଆଶ୍ୱାସନା ବହନ କରିଥିବା ଅନେକ ବ୍ୟକ୍ତି ଅସ୍ପୃଶ୍ୟତାର ପ୍ରାଚୀରକୁ ସଂପୂର୍ଣ୍ଣ ଭାବେ ଚୂର୍ଣ୍ଣ କରିପାରି ନ ଥାଆନ୍ତି। ତେଣୁ ଯାହା ହୃଦ୍‌ବୋଧ ହୋଇଥାଏ, ତାହା ହେଲା ଆରକ୍ଷଣ ବ୍ୟବସ୍ଥାର ସୀମିତ ଫଳପ୍ରଦତାକୁ ବିଚାର କରି ଅନୁସୂଚିତ ଜାତି ଓ ଜନଜାତି ବର୍ଗ ସକାଶେ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ବିହିତ ଉନ୍ନତି ଅଣାଯିବା ଅଧିକ ଗୁରୁତ୍ୱପୂର୍ଣ୍ଣ, ଯାହା ସେମାନଙ୍କୁ ଅଧିକ ପ୍ରତ୍ୟୟବାନ ଏବଂ ଯୋଗ୍ୟ କରି ଆରକ୍ଷଣ ଲାଗି ନିର୍ଦ୍ଧାରିତ ପଦ ଓ ଆସନ ପୂରଣ କରିବାରେ ସମର୍ଥ କରିବ। ଏହା ଦ୍ୱାରା ସେମାନଙ୍କ ପ୍ରତିନିଧିତ୍ୱ ଆଖିଦୃଶିଆ ମଧ୍ୟ ହେବ। ଗଲା ଗୁରୁବାର ଦିନ ମାନ୍ୟବର ସର୍ବୋଚ୍ଚ ଅଦାଲତଙ୍କ ଏକ ସାତଜଣିଆ ଖଣ୍ଡପୀଠଙ୍କ ଦ୍ୱାରା ପ୍ରଦତ୍ତ ଏକ ରାୟ ପରେ ଜାତିଆଣ ଭେଦଭାବ, ପ୍ରାଚୀନ କାଳରୁ ପ୍ରଚଳିତ ହୋଇ ରହିଥିବା ଜାତି ବିଚାର ଓ ଜାତି ବ୍ୟବସ୍ଥା, ଜାତିଭିତ୍ତିକ ଆରକ୍ଷଣର ଫଳପ୍ରଦତା ଓ ପ୍ରାସଙ୍ଗିକତା ଏବଂ ଜାତିଭିତ୍ତିକ ଜନଗଣନାର ଆବଶ୍ୟକତା ଆଦିକୁ ନେଇ ତୁମୂଳ ଆଲୋଚନା ଆରମ୍ଭ ହୋଇଯାଇଛି। ପ୍ରକାଶ ଥାଉ କି ଛଅ-ଏକ ବହୁମତ ସହିତ ଖଣ୍ଡପୀଠ ଯେଉଁ ନିଷ୍କର୍ଷରେ ପହଂଚିଛନ୍ତି, ତାହା ହେଲା, ଅନୁସୂଚିତ ଜାତି ଓ ଜନଜାତି ବର୍ଗ ମଧ୍ୟରୁ କେତେକ ଜାତି ଅନ୍ୟ ଜାତିଙ୍କ ତୁଳନାରେ ଅନେକ ପଛରେ ପଡ଼ିଯାଇଛନ୍ତି, ଯେଉଁମାନଙ୍କ ଉତ୍‌ଥାନ ଆବଶ୍ୟକ ଏବଂ ସେଥି ସକାଶେ ରାଜ୍ୟଗୁଡ଼ିକ ସେଭଳି ନିର୍ଦ୍ଦିଷ୍ଟ ଜାତିଗୁଡ଼ିକର ଚିହ୍ନଟ କରିବା ସହିତ ସେଗୁଡ଼ିକ ସକାଶେ ଅଧିକ ଆରକ୍ଷଣର ବ୍ୟବସ୍ଥା କରିପାରନ୍ତି; କିନ୍ତୁ ତହିଁରେ ଯେମିତି ଅନୁସୂଚିତ ଜାତି ଓ ଜନଜାତିଙ୍କ ସକାଶେ ଥିବା ମୋଟ ଆରକ୍ଷଣ ହାର ବା ଜାତି ଓ ଜନଜାତି ତାଲିକାରେ କୌଣସି ପରିବର୍ତ୍ତନ ନ ଘଟେ। ଅର୍ଥାତ୍, ଆରକ୍ଷଣର ନିର୍ଦ୍ଧାରିତ ପରିସର ମଧ୍ୟରେ ହିଁ ଯୋଗ-ବିୟୋଗର ବୁଝାମଣା କରାଯାଇପାରେ। ସାଂପ୍ରତିକ ସମାଜର ବସ୍ତୁସ୍ଥିତିକୁ ଅନୁଧ୍ୟାନ କଲେ ଯଦିଓ ମାନ୍ୟବର ଅଦାଲତଙ୍କ ରାୟ ଯୁକ୍ତିଯୁକ୍ତ ଭଳି ମନେ ହୋଇଥାଏ, କିନ୍ତୁ ଏହାର ରୂପାୟନ କିଭଳି କଷ୍ଟପ୍ରଦ ଓ ଏହାର ପରିଣାମ କିଭଳି ବିବାଦସଂକୁଳ ହୋଇପାରେ, ତାହା ଏକ କ୍ଷୁଦ୍ର ଆଲୋଚନା ପରେ ହୁଏତ ସ୍ପଷ୍ଟ ହେବ। ମାନ୍ୟବର ସର୍ବୋଚ୍ଚ ଅଦାଲତଙ୍କ ରାୟ ଅନୁସାରେ ରାଜ୍ୟ ସରକାରଗୁଡ଼ିକ ଅନୁସୂଚିତ ଜାତି ଓ ଜନଜାତି ବର୍ଗରେ ରହିଥିବା ଅତି ବଂଚିତ ବର୍ଗଙ୍କୁ ଚିହ୍ନଟ କରିବା ବେଳେ ଯଥେଷ୍ଟ 'ଡେଟା' ଠୁଳ କରିବା ସହିତ ବସ୍ତୁସ୍ଥିତି ଅନୁଶୀଳନ କରିବା ଆବଶ୍ୟକ; ଅର୍ଥାତ୍ ରାଜ୍ୟରେ କ୍ଷମତାସୀନ ଦଳଗୁଡ଼ିକ ଭୋଟ ବ୍ୟାଙ୍କ ସୃଷ୍ଟି ଉଦ୍ଦେଶ୍ୟରେ ନିଜ ପକ୍ଷକୁ ସୁହାଇବା ଭଳି ନିର୍ଦ୍ଦିଷ୍ଟ ଜାତି ଆରକ୍ଷଣ ନିଷ୍ପତ୍ତି ନେବାର ସମ୍ଭାବନା କ୍ଷୀଣ ହେବ। କିନ୍ତୁ ଏହି ପ୍ରସଙ୍ଗରେ ମୂଳ ପ୍ରଶ୍ନ ହେଲା 'ଜାତିଭିତ୍ତିକ ଜନଗଣନା' ବ୍ୟତୀତ ଏଭଳି 'ଡେଟା' ଉପଲବ୍ଧ ହେବ କିଭଳି? ଏହା ସୁବିଦିତ ଯେ ସଂପ୍ରତି କେନ୍ଦ୍ରରେ କ୍ଷମତାସୀନ ବିଜେପି ନେତୃତ୍ୱାଧୀନ ସରକାର ଜାତିଭିତ୍ତିକ ଜନଗଣନାକୁ ସମର୍ଥନ କରି ନ ଥାଆନ୍ତି ଏବଂ ୨୦୧୧ ମସିହା ପରଠାରୁ ଦେଶରେ ସାଧାରଣ ଜନଗଣନା ମଧ୍ୟ ସଂପନ୍ନ ହୋଇନାହିଁ। ଏଭଳି ଜାତିଗୁଡ଼ିକୁ ପ୍ରମା ?ଣିକତାର ସହିତ ଚିହ୍ନଟ କରିବା ଏକ ଦୁରୂହ ବ୍ୟାପାର। ପୁଣି, ଅନେକ ପର୍ଯ୍ୟବେକ୍ଷକଙ୍କ ମତରେ ଏହି ରାୟ ଫଳରେ 'ଆରକ୍ଷଣ' ମଧ୍ୟରେ ଆଉ ଏକ 'ଆରକ୍ଷଣ' ବ୍ୟବସ୍ଥା ସୃଷ୍ଟି ହୋଇ ଅନୁସୂଚିତ ଜାତି ଓ ଜନଜାତି ସଂପ୍ରଦାୟ ମଧ୍ୟରେ ଏକ ସ୍ୱୀକୃତିପ୍ରାପ୍ତ ବିଭାଜନ ଏପରିକି ବିଦ୍ୱେଷକୁ ଜନ୍ମ ଦେଇପାରେ, ଯହିଁରେ ନୂତନ ଲାଭାର୍ଥୀ ବର୍ଗ ଅବଶିଷ୍ଟଙ୍କ ଆକ୍ରୋଶର ଶରବ୍ୟ ହୋଇପାରନ୍ତି, ସୁତରାଂ, ଏହା ଉପଦ୍ରବ ସୃଷ୍ଟିକାରୀ 'ପାଣ୍ଡୋରା ବାକ୍‌ସ'କୁ ଖୋଲିଦେଲା ଭଳି ଏକ ଉଦ୍ୟମ। ମାନ୍ୟବର ବିଚାରପତିମାନେ ସେମାନଙ୍କ ଆଲୋଚନାରେ ପ୍ରସଙ୍ଗ କ୍ରମେ ଅନୁସୂଚିତ ଜାତି ଓ ଜନଜାତି ବର୍ଗ ମଧ୍ୟରେ 'କ୍ରିମି ଲେୟର' ବା 'ଲହୁଣି ପରସ୍ତ'ଙ୍କ ବିଷୟ ଅବତାରଣା କରି ସେହି ସୁବିଧାଭୋଗୀ ବର୍ଗଙ୍କ ଅପସାରଣ ଆଡ଼କୁ ଇଙ୍ଗିତ କରିଛନ୍ତି। କିନ୍ତୁ ବିଡ଼ମ୍ବନା ହେଲା ସରକାରୀ ଚାକିରି ବା ଉଚ୍ଚ ଶିକ୍ଷାନୁଷ୍ଠାନରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କ ଲାଗି ଉଦ୍ଦିଷ୍ଟ ପଦ ବା ଆସନରୁ ମାତ୍ର ୯-୧୦ ପ୍ରତିଶତ ପୂରଣ ହୋଇଥାଏ, ଯହିଁରେ 'ଲହୁଣି ପରସ୍ତ'ଙ୍କ ଦାୟାଦମାନଙ୍କ ଅନେକ ଯୋଗଦାନ ରହିଥାଏ। ସୁତରାଂ, ସେମାନଙ୍କୁ ଅପସାରଣ କରିଦିଆଗଲେ ଅନୁସୂଚିତ ଜାତି ଓ ଜନଜାତି ବର୍ଗ ଯତ୍ ସାମାନ୍ୟ ପ୍ରତିନିଧିତ୍ୱ ଲାଭ କରିବାରୁ ମଧ୍ୟ ବଂଚିତ ହେବ। କେବଳ ସେତିକି ନୁହେଁ, ହଜାର ହଜାର ବର୍ଷର ଜାତିଗତ ଘୃଣା ଓ ବିଦ୍ୱେଷ ପରିପ୍ରେକ୍ଷୀରେ ଗୋଟିଏ ପିଢ଼ିର ଲାଭାର୍ଥୀଙ୍କୁ କ'ଣ 'ଲହୁଣି ପରସ୍ତ' ଭାବେ ଅଭିହିତ କରାଯାଇପାରେ ସୁତରାଂ, 'ଲହୁଣି ପରସ୍ତ' ନିର୍ଦ୍ଧାରଣ ସକାଶେ ଏକ ମାପଦଣ୍ଡର ମଧ୍ୟ ଆବଶ୍ୟକତା ରହିଛି। ଏକବିଂଶ ଶତାବ୍ଦୀର ପୃଥିବୀରେ ଜାତିଆଣ ବିଦ୍ୱେଷଜନିତ ଅସ୍ପୃଶ୍ୟତା ଏକ ଉଦ୍ଭଟ ଚେତନାଗତ ବିକୃତି ଭଳି ଦିଶୁଥିଲେ ହେଁ ଏହା ଯେ ଭାରତୀୟ ସମାଜରେ ଏକ ଦେ ?ନନ୍ଦିନ ବାସ୍ତବତା, ଏଥିରେ ସନ୍ଦେହ ନାହିଁ। ଆବହମାନ କାଳରୁ ଭାରତୀୟ ସମାଜରେ ଦୃଢ଼ମୂଳ ହୋଇଥିବା ଜାତିଆଣ ମନସ୍ତତ୍ତ୍ୱ, ଦର୍ଶନ ଓ ସମୀକରଣ କିଭଳି ଅବାନ୍ତର ଓ ଜଟିଳ, ତାହା ଏଥିରୁ ସ୍ପଷ୍ଟ ହେବ ଯେ ସମସ୍ତ ଅସବର୍ଣ୍ଣ ଜାତି ସବର୍ଣ୍ଣମାନଙ୍କ ଦ୍ୱାରା ସମ ଭାବେ ଅସ୍ପୃଶ୍ୟ ହୋଇ ନ ଥାଆନ୍ତି, ଯେମିତି କେତେକ ଜାତି ଲାଗି ମନ୍ଦିର ପ୍ରବେଶ ସଂପୂର୍ଣ୍ଣ ନିଷେଧ ହୋଇଥିବା ବେଳେ କେତେକ ଜାତି ବେଢ଼ା ପର୍ଯ୍ୟନ୍ତ ପ୍ରବେଶ କରିପାରନ୍ତି ? ; କେବଳ ସେତିକି ନୁହେଁ, ଏକ ବିଡ଼ମ୍ବନା ହେଲା ସବର୍ଣ୍ଣ-ଅସ୍ପୃଶ୍ୟ ଜାତିଗୁଡ଼ିକ ମଧ୍ୟ ପାରସ୍ପରିକ ଅସ୍ପୃଶ୍ୟତାରୁ ମୁକ୍ତ ହୋଇ ନ ଥାଆନ୍ତି, ଯେମିତି ବିହାରରେ ଧୀବରମାନେ ସେମାନଙ୍କ ନୌକା ମଧ୍ୟକୁ ଚମାରଙ୍କ ପ୍ରବେଶକୁ ପ୍ରତ୍ୟାଖ୍ୟାନ କରିପାରନ୍ତି। ସୁତରାଂ, ସ୍ପୃଶ୍ୟ-ଅସ୍ପୃଶ୍ୟ ବିଚାରରେ ରହିଥିବା ଏଭଳି ଦୁର୍ବୋଧ ସୂକ୍ଷ୍ମତାକୁ ଦୂର କରିବା କେବଳ ସରକାରୀ ଆରକ୍ଷଣ ଭଳି ଏକ ସ୍ଥୂଳ ବ୍ୟବସ୍ଥା ପକ୍ଷରେ ସମ୍ଭବ କି? ଏଭଳି ପ୍ରଶ୍ନର କାରଣ, ଏହି ବ୍ୟବସ୍ଥା ମୁଖ୍ୟତଃ ଆର୍ଥିକ ବିକାଶ ଓ ସମ୍ମାନଜନକ ଜୀବିକା ବା ବୃତ୍ତି ପ୍ରଦାନ ଉପରେ ଗୁରୁତ୍ୱ ଆରୋପ କରିଥାଏ। କିନ୍ତୁ ଅସ୍ଥିମଜ୍ଜାଗତ ହୋଇ ରହି ଆସିଥିବା ଜାତିବାଦୀ ବିଚାରରେ ଅସବର୍ଣ୍ଣମାନଙ୍କ ବିତ ବା ଉଚ୍ଚ ପଦ ବା ଯଶ ଅଥବା ବିଚକ୍ଷଣତା ବା ସାମର୍ଥ୍ୟ ଇତ୍ୟାଦି ସବୁକିଛି ମୂଲ୍ୟହୀନ ବା ମଳିନ ହୋଇଯାଇପାରେ। ୧୯୫୦ ମସିହାରେ ଅନୁସୂଚିରେ ସନ୍ନିବେଶିତ ଜାତି ଓ ଜନଜାତିଗୁଡ଼ିକ ପ୍ରାୟ ସମ ଭାବେ ବଂଚିତ ଓ ନିପୀଡ଼ିତ ଭଳି ପ୍ରତୀତ ହେଉଥିବାରୁ ସେମାନଙ୍କ ମଧ୍ୟରେ ଥିବା ବିଦ୍ୱେଷ ଅଗତ୍ୟା ପ୍ରଗାଢ଼ତା ଲାଭ କରି ନ ଥିବ ବା ଆର୍ଥିକ ବିକାଶ ଏହି ବଂଚିତ ବର୍ଗର ସକାଶେ ମୁକ୍ତିର ମାର୍ଗ ବୋଲି ହୁଏତ ଏକ ସ୍ୱାଭାବିକ ଧାରଣା ସୃଷ୍ଟି ହୋଇଥିବ; କିନ୍ତୁ ବାସ୍ତବତାଟି ହେଲା ଏହି ବଂଚିତ ବର୍ଗ ମଧ୍ୟରୁ ତୁଳନାତ୍ମକ ଭାବେ ଅଧିକ ପ୍ରଭାବଶାଳୀ ଗୋଷ୍ଠୀ ଆରକ୍ଷଣ ବ୍ୟବସ୍ଥାର ସଦ୍‌ବ୍ୟବହାର କରି ଆର୍ଥିକ ବିକାଶର ମୁଖ୍ୟ ସ୍ରୋତରେ ଅନ୍ତର୍ଭୁକ୍ତ ହୋଇଯିବା ସହିତ ସେହି ଅନୁସୂଚିତ ଜାତି ଓ ଜନଜାତି ବର୍ଗ ମଧ୍ୟରେ ଏକ ବିଭାଜନ ରେଖା ସୃଷ୍ଟି କରିଛନ୍ତି, ଯେଉଁ ବିଷୟ ସର୍ବୋଚ୍ଚ ଅଦାଲତଙ୍କ ଚିନ୍ତାର କାରଣ ହୋଇଛି। କିନ୍ତୁ ପ୍ରକୃତ ବିଡ଼ମ୍ବନାଟି ହେଲା, ଅନୁସୂଚିତ ଜାତି ଓ ଜନଜାତି ବର୍ଗରୁ ମୁଖ୍ୟ-ସ୍ରୋତୀୟ ହୋଇଥିବାର ଆଶ୍ୱାସନା ବହନ କରିଥିବା ଅନେକ ବ୍ୟକ୍ତି ଅସ୍ପୃଶ୍ୟତାର ପ୍ରାଚୀରକୁ ସଂପୂର୍ଣ୍ଣ ଭାବେ ଚୂର୍ଣ୍ଣ କରିପାରି ନ ଥାଆନ୍ତି।

# ଇଥାନଲ ମିଶ୍ରିତ ପେଟ୍ରୋଲର ଆର୍ଥନୀତିକ ଦିଗ

ପେଟ୍ରୋଲରେ ମିଶୁଥିବା ଇଥାନଲ ଏକ ସ୍ୱଚ୍ଛ ନବୀକରଣ ଓ ଜ୍ୱଳନକ୍ଷମ ମିଶ୍ରିତ ଦ୍ରବଣ ଯାହାକୁ ମକା, ଧାନ, ଗହମ ଇତ୍ୟାଦି ଶସ୍ୟ, ଆଖୁ ଓ କୃଷିଜାତ ନଷ୍ଟ ଅଂଶକୁ ପ୍ରକ୍ରିୟାକରଣ ଦ୍ୱାରା କାରଖାନାରେ ଉତ୍ପାଦନ କରାହେଉଅଛି। ଇନ୍ଧନ ସମସ୍ୟାର ଉନ୍ନତି, କୃଷକଙ୍କୁ ସହାୟତା, ସ୍ୱଚ୍ଛ ପରିବେଶ ଓ ବିଦେଶୀ ମୁଦ୍ରା ସଂଚୟର ଲକ୍ଷ୍ୟ ରଖି ଭାରତ ସରକାରଙ୍କର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ଜୁନ୍ ମାସ ୨୩ ତାରିଖ, ୨୦୨୬ ବର୍ଷରେ ଘୋଷଣା ଦ୍ୱାରା ଇଥାନଲକୁ ପେଟ୍ରୋଲରେ ମିଶାଇ ବିକ୍ରି କରିବାର ନିଷ୍ପତି ଜଣାଇଲେ। ଏଠାରେ ସ୍ୱତଃ ପ୍ରଶ୍ନ ଉଠେ ଯେ, ଏହା ଏକ ନୂତନ ଇନ୍ଧନ ଭାରତ ଆବିଷ୍କାର କଲା କି? ମାତ୍ର ଏହା ନୂତନ ଇନ୍ଧନ ନୁହେଁ। ଏକ ଶତାବ୍ଦୀରୁ ଅଧିକ ସମୟ ପୂର୍ବରୁ ହେନ୍‌ରୀ ଫୋର୍ଡ ଏହାକୁ ଉଦ୍ଭାବନ କରିଥିଲେ ଏବଂ ବ୍ରାଜିଲ ଓ ସଂଯୁକ୍ତ ଆମେରିକା ବହୁ ଦଶନ୍ଧି ହେଲା ପେଟ୍ରୋଲ ସହିତ ମିଶ୍ରିତ କରି ବ୍ୟବହାର କରୁଛନ୍ତି। ଭାରତରେ ଏହି ଯୋଜନା ୨୦୦୧ ମସିହାରେ ଆରମ୍ଭ ହେଲା, ମାତ୍ର ୨୦୦୪ ମସିହାରେ ଘୋଷଣା କରାଗଲା। ଆର୍ଥିକ ବର୍ଷ ୨୦୨୧ର ଜୁନ୍ ମାସରେ ନୀତି ଆୟୋଗ ଦେଶର ମୋଟର ଯାନ ନିର୍ମାତା, ତୈଳ ଇନ୍ଧନ କମ୍ପାନୀ ଓ କୃଷି ବିଶାରଦମାନଙ୍କ ସହ ପରାମର୍ଶ କରି ବ୍ୟବହାର ପାଇଁ ସୁପାରିସ କଲେ। ତଦନୁଯାୟୀ ଆଇ.ଓ.ସି.ଏଲ, ବି.ପି.ସି.ଏଲ. ଓ ଏଚ.ପି.ସି.ଏଲ. ତୈଳ କମ୍ପାନୀମାନେ ବେସରକାରୀ ସଂସ୍ଥାମାନଙ୍କୁ ଇଥାନଲ କାରଖାନାରେ ପୁଞ୍ଜି ନିବେଶ ପାଇଁ ଆମନ୍ତ୍ରଣ କଲେ। ଆର୍ଥିକ ବର୍ଷ ୨୦୨୦ ୨୧ରେ ୮.୧%, ୨୦୨୧-୨୨ରେ ୧୦%, ୨୦୨୩-୨୪ରେ ୧୪.୬%, ୨୦୨୪-୨୫ରେ ୧୯.୨% ଏବଂ ୨୦୨୫-୨୬ ବର୍ଷରେ (ନଭେମ୍ବରରୁ ଜୁନ୍ ମଧ୍ୟରେ) ୨୦% ପର୍ଯ୍ୟନ୍ତ ଇଥାନଲ ପେଟ୍ରୋଲରେ ମିଶ୍ରିତ ହେଉଅଛି। କୌଣସି ଦ୍ରବ୍ୟ ବା ପଦାର୍ଥର ଚହିଦା ବୃଦ୍ଧି ପାଇଲେ ଯୋଗାଣର ମଧ୍ୟ ବୃଦ୍ଧି ଘଟିଥାଏ। ଅର୍ଥନୀତିର ଏହି ନିୟମ ଦ୍ୱାରା ଖାଉଟି ଶୃଙ୍ଖଳ ସଂଶ୍ଳିଷ୍ଟ ହୋଇଥାଏ। ଦେଶର ଜନସଂଖ୍ୟା ବୃଦ୍ଧି ସଙ୍ଗେ ତୈଳ ଇନ୍ଧନର ଆବଶ୍ୟକତା ଯଥେଷ୍ଟ ବୃଦ୍ଧି ପାଉଥିବାବେଳେ, ନିଜସ୍ୱ ଉତ୍ପାଦନ ଚହିଦା ଠାରୁ କମ୍ ହେଉଥିବାରୁ ସଂକଟ ଦେଖାଦେଉଛି। ଏହାକୁ ଭରଣା କରିବା ପାଇଁ ନିଷ୍ପତି ନିଆଯାଇଅଛି। ତେଣୁ ବିକଳ୍ପ ଇନ୍ଧନ ଭାବରେ ଇଥାନଲ୍‌କୁ ବ୍ୟବହାର କରାଯାଉଅଛି। ମାତ୍ର ଏହା ଦେଶ ପାଇଁ କେତେ ଉପଯୋଗୀ ଓ ଆର୍ଥିକ ଦୃଷ୍ଟିରୁ ଲୋକମାନେ କେତେ ଲାଭବାନ ହେବେ, ତର୍ଜମାର ଆବଶ୍ୟକ ଅଟେ। ପୂର୍ବରୁ ପେଟ୍ରୋଲରେ ୧୦% ମିଶ୍ରିତ ହେଉଥିବାବେଳେ ଏବେ ୨୦% ମିଶ୍ରିତ ହୋଇ ଟାଙ୍କି ମାନଙ୍କରେ ବିକ୍ରି ହେଉଅଛି। ପୁଣି ୩୦% ପର୍ଯ୍ୟନ୍ତ ବୃଦ୍ଧିର ସମ୍ଭାବନା ଦେଖାଦେଉଅଛି। ଏହାର ଉପକାରିତାକୁ ଦେଖିଲେ ପ୍ରଦୂଷଣର ମାତ୍ରା କମ୍ ହେବ, ଇନ୍ଧନ ଶକ୍ତି ଦୃଷ୍ଟିରୁ ଅଶୋଧିତ ତୈଳ ଆମଦାନୀ ଉପରେ ନିର୍ଭରଶୀଳ କମିବା ସହ ଦେଶ ଆତ୍ମନିର୍ଭର ହେବ ଏବଂ ଇଥାନଲ ମିଶ୍ରିତ ପେଟ୍ରୋଲ ବ୍ୟବହାର ଦ୍ୱାରା ଗାଡ଼ି ଇଞ୍ଜିନର ସକ୍ଷମତା ବୃଦ୍ଧିପାଇବ। ଏହାର ଅପକାରିତା ମଧ୍ୟରେ ଖାଣ୍ଟି ପେଟ୍ରୋଲ ଅପେକ୍ଷା ଇଥାନଲ ମିଶ୍ରିତ ଇନ୍ଧନରେ ଅଳ୍ପ ଶକ୍ତି ଉତ୍ପାଦନ ଦ୍ୱାରା ଗାଡ଼ିମାନଙ୍କର ମାଇଲେଜ୍ କମିଯିବ। ଇଥାନଲରେ ଅଧିକ ଜଳୀୟ ଅଂଶ ଓ ଅମ୍ଳଜାନ ଥିବାରୁ ଗାଡ଼ି ଇଞ୍ଜିନ ଶୀଘ୍ର ଖରାପ ହୋଇଥାଏ ଏବଂ ରବର ଓ ଧାତୁ ଅଂଶକୁ ନଷ୍ଟ ପହଚାଂଇଥାଏ। ଇଥାନଲର ଉତ୍ପାଦନ ଖର୍ଚ୍ଚ କମ୍ ହେଉଥିଲେ ମଧ୍ୟ ଗ୍ରାହକମାନେ ପେଟ୍ରୋଲ ପମ୍ପମାନଙ୍କରୁ ଶସ୍ତାରେ ତେଲ ପାଇନଥାନ୍ତି। ବିଶ୍ୱ ଅର୍ଥନୀତିରେ ଭାରତର ପ୍ରାଧାନ୍ୟକୁ ଦେଖିଲେ ବିକାଶଶୀଳରୁ ବିକଶିତ ରାଷ୍ଟ୍ରକୁ ଉନ୍ନତି ହେବାର ସମସ୍ତ ପ୍ରୟାସ ବଜାୟ ରହିଅଛି। ସର୍ବବୃହତ ୧୪୫କୋଟି ଜନସଂଖ୍ୟା ବିଶିଷ୍ଟ ଦେଶର ଜାତୀୟ ଅର୍ଥନୀତି ଅନେକ ଉପାଦାନ ଉପରେ ନିର୍ଭରଶୀଳ ହେଲେ ମଧ୍ୟ ତୈଳ ସମ୍ପଦ ଏକ ପ୍ରମୁଖ ସ୍ଥାନ ସର୍ବଦା ଗ୍ରହଣ କରିଥାଏ। ତୈଳ ଆବଶ୍ୟକତା ଦ୍ରୁତଗତିରେ ବୃଦ୍ଧିପାଇ ବିଶ୍ୱରେ ଆମେରିକା ଓ ଚୀନ ଦେଶ ପଛକୁ ଭାରତ ୩ୟ ସ୍ଥାନରେ ରହିଅଛି। ପରିସଂଖ୍ୟାନ ଅନୁସାରେ ଆର୍ଥିକ ବର୍ଷ ୨୦୨୪ରେ ଦୈନିକ ୫.୬ ମିଲିୟନ୍ ବ୍ୟାରେଲ (ଏମ୍.ବି.ପି.ଏଲ) ର ଆବଶ୍ୟକତା ଥିଲାବେଳେ ୨୦୩୦ ମସିହା ବେଳକୁ ୭.୨ ମିଲିୟନ୍ ଓ ୨୦୫୦ ମସିହା ବେଳକୁ ୯.୨ ମିଲିୟନ୍ ବ୍ୟାରେଲ୍ ଲିଟର ତୈଳ ଇନ୍ଧନର ଆବଶ୍ୟକତା ପଡୁଥିବ। ଜନସଂଖ୍ୟା ଦ୍ରୁତଗତିରେ ବୃଦ୍ଧିପାଇବା ସଙ୍ଗେ ଅଧିକ ଗାଡ଼ି ମୋଟର ମାଲିକାନା, ପେଟ୍ରୋ-କେମିକାଲ୍‌ସର ଚାହିଦା ବୃଦ୍ଧି, ବିମାନ ଓ ଜାହାଜ ଅଧିକ ଚଳାଚଳର ଆବଶ୍ୟକତା ଯୋଗୁଁ ଅଶୋଧିତ ତୈଳ ଆମଦାନୀ କରି ବିଶୋଧନ ପ୍ରକ୍ରିୟାର ନିର୍ଭରଶୀଳତା ବୃଦ୍ଧି ପାଇବାରେ ଲାଗିଅଛି। ନିଜର ଘରୋଇ ତୈଳ ଉତ୍ପାଦନ ନିମ୍ନସ୍ତରରେ ଥିବା ଯୋଗୁଁ ବାହ୍ୟଦେଶ ଯଥା- ରଷିଆ, ୟୁକ୍ରେନ ଓ ମଧ୍ୟପ୍ରାଚ୍ୟ ଦେଶମାନଙ୍କ ଉପରେ ନିର୍ଭର କରିବାକୁ ପଡୁଅଛି। ନିଜର ଅଶୋଧିତ ତୈଳ ଉତ୍ପାଦନ ଦେଶର ଆବଶ୍ୟକତାକୁ ପୂରଣ ନକରିପାରିବା ଯୋଗୁଁ ବାହ୍ୟଦେଶମାନଙ୍କ ଠାରୁ ଅଧିକ ଆମଦାନୀ କରି ବିଶୋଧନ ପ୍ରକ୍ରିୟା ଦ୍ୱାରା ବୃଦ୍ଧିକରି ଚାହିଦା ମେଟାଂଇବାକୁ ହୋଇଥାଏ। ଏଥିରେ ଇଥାନଲ୍ ୨୦% ମିଶାଇବା ଓ ବିକଳ୍ପ ଇନ୍ଧନର ବ୍ୟବହାର ବୃଦ୍ଧି କରୁଥିଲେ ମଧ୍ୟ ନିଅଚିଂଆ ସ୍ଥିତି ଲାଗିରହୁଛି। ଆକଳନ ଅନୁଯାୟୀ, ଆର୍ଥିକ ବର୍ଷ ୨୦୨୫ ୨୬ରେ ଦୈନିକ ତୈଳ ବ୍ୟବହାର ଦେଶରେ ୫.୬ ମିଲିୟନ୍ ବ୍ୟାରେଲ୍ ରହୁଥିବାବେଳେ ନିଜର ଉତ୍ପାଦନ କ୍ଷମତା ୭ଲକ୍ଷରୁ ୯.୫ଲକ୍ଷ ବ୍ୟାରେଲ୍ ମଧ୍ୟରେ ରହୁଅଛି। ଏହାକୁ ଭରିବା ପାଇଁ ଓ ନିଜର ଆବଶ୍ୟକତା ମେଟାଂଇବା ପାଇଁ ଅଶୋଧିତ ତୈଳ ଆମଦାନୀ କରିବାକୁ ପଡ଼ିଥାଏ। ଅନନ୍ତ ନାଗେଶ୍ୱରନ୍, କେନ୍ଦ୍ର ସରକାରଙ୍କର ମୁଖ୍ୟ ଅର୍ଥନୀତିକ ପରାମର୍ଶଦାତା ମତ ଦିଅନ୍ତି ଯେ, ଦେଶରେ ଥିବା ଦୁଇଚକିଆ ପୁରୁଣା ଗାଡ଼ିଗୁଡ଼ିକ ପାଇଁ ୧୦% ଇଥାନଲ୍ ମିଶ୍ରିତ ପେଟ୍ରୋଲ୍ ?ର ବିକ୍ରି ପୁନଃ ପ୍ରଚଳନ କରିବା ଉଚିତ୍, କାରଣ ୨୦% ବା ୩୦% ଇଥାନଲ୍ ମିଶ୍ରିତ ଇନ୍ଧନ ବ୍ୟବହାର ଦ୍ୱାରା ଗାଡ଼ି ନଷ୍ଟ ହେବାର ଦୃଷ୍ଟାନ୍ତ ମିଳୁଛି। ସରକାରଙ୍କର ଯୁକ୍ତି ଯେ ଇଥାନଲ୍ ମିଶ୍ରଣ ଦ୍ୱାରା ଦେଶରେ ଅଶୋଧିତ ତୈଳ ଆମଦାନୀ ବହୁଗୁଣା ହ୍ରାସପାଇଛି ଏବଂ ବହୁକୋଟି ଟଙ୍କାର ବିଦେଶୀ ମୁଦ୍ରା ସଂଚୟ ମଧ୍ୟ ହୋଇପାରିଛି। ଅନ୍ୟ ଅର୍ଥନୈତିକ ଦିଗରୁ ତର୍ଜମା କଲେ ଜଣାଯାଏ ଯେ ଯଦି ଇଥାନଲ୍ ଉତ୍ପାଦନ ପାଇଁ ଆଖୁ, ମକା ଓ ଚଉଳ ଇତ୍ୟାଦିକୁ ଅଧିକ ମାତ୍ରା ଓ ଦାମ୍ ଦେଇ କାରଖାନାକୁ ପଠାଯାଏ, ତେବେ ଗୋ ଓ କୁକୁଡ଼ା ଖାଦ୍ୟ ପ୍ରଭାବିତ ହେବ। ଅଣ୍ଡା, ମାଂସ, ଦୁଗ୍ଧ ଓ ତଦ୍‌ଜାତୀୟ ପଦାର୍ଥର ମୂଲ୍ୟବୃଦ୍ଧି ଘଟିବ, ଯାହାଦ୍ୱାରା ମୁଦ୍ରାସ୍ଫୀତି ମଧ୍ୟ ଉପରମୁହାଁ ହେବ। ଆକଳନ ଅନୁଯାୟୀ ଦେଶରେ ପ୍ରାୟ ୮କୋଟି ପୁରୁଣା ଦୁଇଚକିଆ ଯାନ ଲୋକଙ୍କ ଦ୍ୱାରା ବ୍ୟବହାର କରାଯାଉଅଛି। ଏଗୁଡ଼ିକ ବି.ଏସ୍.୦୪ ଇଞ୍ଜିନ୍ ଏବଂ ୨୦% ଇଥାନଲ୍ ମିଶ୍ରିତ ପେଟ୍ରୋଲ ବ୍ୟବହାର ଯୋଗୁଁ ସଂଶ୍ଳିଷ୍ଟ ପୁରୁଣା କାର୍ବୋରେଟରଗୁଡ଼ିକ ଅନୁପଯୁକ୍ତ ହୋଇପଡ଼ନ୍ତି ଏବଂ ଚାଲିବାରେ ଅସମର୍ଥ ହୋଇଯାଆନ୍ତି। ଅଭିଜ୍ଞ ଯନ୍ତ୍ରୀ ଓ ବିଶାରଦମାନଙ୍କ ମତରେ ଇଥାନଲ୍‌ରେ ଅମ୍ଳଜାନ ଅଧିକ ପରିମାଣରେ ଥାଏ, ଯାହାକୁ ଇଞ୍ଜିନ୍ ଗ୍ରହଣ କରିପାରେନାହିଁ ଏବଂ ଅଳ୍ପ ସମୟ ମଧ୍ୟରେ ଗରମ ହୋଇଯାଏ। ଇଥାନଲ୍ ୨୦% ମିଶ୍ରିତ ପେଟ୍ରୋଲର ବ୍ୟବହାର ଦ୍ୱାରା ଗାଡ଼ିରେ ବ୍ୟବହୃତ ରବର ପାଇପ୍ ଓ ପାର୍ଟସ କ୍ରମେ ଖରାପ ହୋଇଯାଏ। ତେଣୁ ଏହି ପୁରୁଣା ଗାଡ଼ିଗୁଡ଼ିକ ଚଳନକ୍ଷମ ପାଇଁ ଶୁଦ୍ଧ ୧୦୦% ପେଟ୍ରୋଲର ଆବଶ୍ୟକତା ଥିଲେ ମଧ୍ୟ ସର୍ବନିମ୍ନ ୧୦% ଯୁକ୍ତ ଇଥାନଲ ପେଟ୍ରୋଲର ବ୍ୟବହାର ହେବା ଉଚିତ୍ ଅଟେ। ଇଥାନଲ୍‌ର ଉତ୍ପାଦନ ମୁଖ୍ୟତଃ ଆଖୁ ଉପରେ ନିର୍ଭରଶୀଳ ହୋଇଥିବାରୁ ଭାରତୀୟ ଅର୍ଥନୀତିରେ ଏହାର ପ୍ରଭାବ ବେଶ୍ ଅନୁଭୂତ ହୋଇଥାଏ। ବିଶ୍ୱର ଆଖୁଚାଷ ଓ ଚିନି ଉତ୍ପାଦନରେ ଭାରତ ୨ୟ ବୃହତମ ରାଷ୍ଟ୍ର ଅଟେ, ଯିଏ ୩୫୦ରୁ ୪୫୦ ମିଲିୟନ୍ ଟନ୍ ଆଖୁ ବାର୍ଷିକ ଉତ୍ପନ୍ନ କରିଥାଏ। ଉକ୍ତ କ୍ଷେତ୍ର ୩୫ ମିଲିୟନ୍ ଚଷୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥାଏ। ଆଖୁଚାଷରେ ଉତ୍ତରପ୍ରଦେଶ ପ୍ରଥମ ସ୍ଥାନ ଦେଶରେ ନେଉଥିବାବେଳେ ମହାରାଷ୍ଟ୍ର ଦ୍ୱିତୀୟ ଓ କର୍ଣ୍ଣାଟକ ରାଜ୍ୟ ତୃତୀୟ ସ୍ଥାନ ଗ୍ରହଣ କରୁଛନ୍ତି। ତା' ପଛକୁ ତାମିଲନାଡୁ, ଗୁଜରାଟ, ବିହାର ଓ ହରିଆନା ରାଜ୍ୟମାନେ ମଧ୍ୟ ଆଖୁଚାଷରେ ଅଗ୍ରଣୀ ଭୂମିକା ନିଭାଉଛନ୍ତି। ଆଖୁ ଉତ୍ପାଦନ ମୂଳତଃ ଚିନି ଉତ୍ପାଦନରେ ବ୍ୟବହାର କରାଯାଇ ଲୋକମାନଙ୍କର ମିଠା ଆବଶ୍ୟକତା ପୂରଣ କରାଯାଇଥାଏ। ମାତ୍ର ଚିନିକୁ ଇଥାନଲ୍ ପ୍ରସ୍ତୁତିରେ ବ୍ୟବହାର ଦ୍ୱାରା ନିଅଚିଂଆ ପରିସ୍ଥିତି ସୃଷ୍ଟି ହେଉଛି। ରୟଟର୍ସର ତଥ୍ୟଭିତ୍ତିକ ରିପୋର୍ଟ ଅନୁସାରେ ଚଳିତ ଋତୁରେ ଦେଶର ମୋଟ୍ ବାର୍ଷିକ ଉତ୍ପାଦନର ୧୦% (୩୦ଲକ୍ଷ ଟନ୍) ଚିନିକୁ ଇଥାନଲ୍ ଉତ୍ପାଦନରେ ବ୍ୟବହାର କରାଯାଇଅଛି। ମାତ୍ର ଦେଶରେ ନିତି ବ୍ୟବହାର୍ଯ୍ୟ ପଦାର୍ଥ ଚିନିର ଅଭାବକୁ ଉପଲବ୍ଧି କରି ଏବଂ ଦାମ୍‌କୁ ନିୟନ୍ତ୍ରଣ କରିବାକୁ ଇଥାନଲ୍ ଉତ୍ପାଦନରେ ଆଖୁର ବ୍ୟବହାର କିପରି ନିୟନ୍ତ୍ରଣ କରାଯାଇପାରିବ ଚିନ୍ତା କରାଯାଉଛି। ଇଥାନଲ୍ ଉତ୍ପାଦନରେ ମାତ୍ରାଧିକ ଜଳର ବ୍ୟବହାର ଯୋଗୁଁ ଜଳସ୍ତର ମଧ୍ୟ ପ୍ରଭାବିତ ହେଉଅଛି। ପ୍ରକାଶଥାଉ କି, ଆଖୁଚାଷ ପାଇଁ ଅଧିକ ମାତ୍ରାରେ ଜଳର ଆବଶ୍ୟକତା ଥାଏ ଏବଂ ଇଥାନଲ୍ ଶିଳ୍ପରେ ମଧ୍ୟ ଅଧିକ ଜଳର ବ୍ୟବହାର ହୋଇଥାଏ। ତେଣୁ ଅନ୍ୟାନ୍ୟ ବ୍ୟବହାର ପାଇଁ ଜଳର ଅଭାବ ପରିଲକ୍ଷିତ ହେଉଅଛି। ସରକାରଙ୍କର ଯୁକ୍ତି ଯେ, ଇଥାନଲ୍ ବ୍ୟବହାର ଯୋଗୁଁ ବିଦେଶୀ ମୁଦ୍ରାର ଆୟ ବଢ଼ିଛି ଏବଂ ଚାଷୀଙ୍କୁ ଉପଯୁକ୍ତ ମୂଲ୍ୟ ମଧ୍ୟ ପ୍ରଦାନ କରାଯାଉଅଛି। ଅନ୍ତର୍ଜାତୀୟ କ୍ଷେତ୍ରରେ ଅଶୋଧିତ ତୈଳ ଉତ୍ପାଦନ ଓ ଦରବୃଦ୍ଧି ଉପରେ ଭାରତର ନିୟନ୍ତ୍ରଣ ନଥାଏ। ଏଥିରୁ ରକ୍ଷା ପାଇବା ପାଇଁ କିଛି ସତର୍କତା ପଦକ୍ଷେପ ଗ୍ରହଣ କରିବାକୁ ହୋଇଥାଏ। ଅଶୋଧିତ ତୈଳ କିଛି ସମୟ ପାଇଁ ଗଚ୍ଛିତ ରଖିବା ଓ ପ୍ରଦାନ କରୁଥିବା ରିହାତିକୁ ବୃଦ୍ଧି ନକରିବା ସହିତ ଲୋକମାନଙ୍କର ତୈଳ ଉପରେ ନିର୍ଭରଶୀଳତାକୁ ନିୟନ୍ତ୍ରଣରେ ରଖିବା ଆବଶ୍ୟକ ଅଟେ। ଇଥାନଲକୁ ଆବଶ୍ୟକ ଅନୁଯାୟୀ ପେଟ୍ରୋଲରେ ମିଶ୍ରଣ କରିବା, ସୋଲାର ଶକ୍ତି, ବାଇଓ-ଇନ୍ଧନ ଓ ବୈଦ୍ୟୁତିକ ଯାନର ପ୍ରଚଳନ, ଇନ୍ଧନ ଦକ୍ଷତା ପ୍ରତି ପ୍ରାଧାନ୍ୟ, ଶିଳ୍ପ ଓ ପରିବହନ କ୍ଷେତ୍ରରେ ତୈଳ ଇନ୍ଧନ ଖର୍ଚ୍ଚକୁ ସର୍ବନିମ୍ନ ସ୍ତରକୁ ଆଣିବା ଆବଶ୍ୟକ। ଶେଷରେ ଆମେ କହିପାରିବା ଯେ, ଯେପର୍ଯ୍ୟନ୍ତ ଅଶୋଧିତ ତୈଳ ଉତ୍ପାଦନ ଓ ଆମଦାନୀ ଉପରେ ଆତ୍ମନିର୍ଭରଶୀଳତା ହାସଲ କରିନହେବ, ସେପର୍ଯ୍ୟନ୍ତ ଭାରତର ଅର୍ଥନୀତି ଏଭଳି ସ୍ଥିତିର ସାମ୍ନା କରୁଥିବ। ଇଥାନଲ୍ ମିଶ୍ରଣ ଏକ ବିକଳ୍ପ ଭାବରେ ଇନ୍ଧନ ଆବଶ୍ୟକତା ପୂରଣ କରିପାରୁଥିଲେ ମଧ୍ୟ, ଏଥିପାଇଁ ଉପଯୁକ୍ତ ଜ୍ଞାନକୌଶଳଯୁକ୍ତ ଇଞ୍ଜିନ୍‌ର ଉତ୍ପାଦନ ହେବା ଆବଶ୍ୟକ, ଯାହା ଲୋକମାନଙ୍କ ସ୍ୱାର୍ଥକୁ ବ୍ୟାହତ କରୁନଥିବ।

# ସନାତନର ସ୍ୱଗତୋକ୍ତି : ମଶା, ମୂଷାଙ୍କ ରାଜନୀତି

## ଦାଶ ବେନହୁର

ରାଜନୀତି କହିଲେ ଦେଶନୀତି। ଦେଶର ଭଲମନ୍ଦ ପାଇଁ ଯେତେସବୁ ବିଚାର, ଆଲୋଚନା, ଆନ୍ଦୋଳନ, ସବୁ ରାଜନୀତିର ଅଂଶ। ସେ ବିଚାର ବା ଦେଶଭାବନା ସହ ନାଗରିକସମୂହ ଯେତେ ଯୋଡ଼ି ହେବେ ସେତେ ଗଣତନ୍ତ୍ର ସୁଦୃଢ଼ ହେବ। ସେଇଥିପାଇଁ କହାଯାଏ, ଗଣତନ୍ତ୍ର ବ୍ୟବସ୍ଥାରେ ସମାଜର ସବୁଠାରୁ ତଳିଆ ବ୍ୟକ୍ତିଟିର ମଧ୍ୟ ମତ ବାଟିଂବାର ଅଧିକାର ଅଛି। ଭାବିବା ଉଚିତ ନୁହେଁ ଯେ ନିର୍ବାଚନ ଲଢ଼ିବା, କ୍ଷମତା ହାସଲ କରିବା ବା କୌଣସି ଦଳରେ ସାମିଲ ହେବା ହିଁ କେବଳ ରାଜନୀତି। ଜଙ୍ଗଲ କହିଲେ ବାଘ, ଭାଲୁ, ହାତୀ ନୁହନ୍ତି କି ଗଛଲତା ନୁହନ୍ତି। ଠେଙ୍କୁଆ, ଗୋଧି, ସାପ, ମୂଷା, ଘାସ, ଗୁଳ୍ମ ଆଦି ସବୁକୁ ନେଇ ଜଙ୍ଗଲ। ତାହାକୁ ଗଢ଼ିବାରେ ସମସ୍ତଙ୍କର ଭୂମିକା ଅଛି। ସନ୍ତୁଳନ ବିଗିଡ଼ିଗଲେ ଜଙ୍ଗଲ ଆଉ ଜଙ୍ଗଲ ହୋଇ ରହେନାହିଁ। ଗଛ ହଟିଗଲେ ଚେର ଉଭେଇଯାଏ। ଚେର ନ ରହିଲେ ତଳର ପାଣିକୁ କିଏ ଉପରକୁ ଟାଣିବ? ଅତଏବ ଝରଣାର ଯେ କୁଳୁକୁଳୁ ନାଦ ତା'ର ଅସଲ ସ୍ରଷ୍ଟା ହେଉଛନ୍ତି ଗଛଲତା। ପଶୁ, ପକ୍ଷୀ, କୀଟ, ପତଙ୍ଗ, ବୃକ୍ଷଲତା ସଭିଏଁ ଅରଣ୍ୟର ମତଦାତା। ସାପ, କେଙ୍କଟ, ମୂଷା, ବିରୁଡ଼ି, ମଶା ସମସ୍ତେ। ମଣିଷ ସମାଜ କହିଲେ ସାରା ମଣିଷକୁଳ। ରାଜୁଡ଼ା ଶାସନ କଥା ଅଲଗା। ଗଣତନ୍ତ୍ରରେ କୌଣସି ଗୋଟିଏ ସମୂହକୁ ଅଣଦେଖା ବା ନିର୍ଯାତିତ କରିବା ଅର୍ଥ ସାମାଜିକ ସନ୍ତୁଳନକୁ ବିଗାଡ଼ିଦେବା। ଜଙ୍ଗଲରେ ହାତୀଠାରୁ ଆରମ୍ଭ କରି ମଶା, ମୂଷା ରହିବା ଭଳି ମଣିଷ ସମାଜରେ ଧନୀ, ନିର୍ଧନ, ଶିଶୁ, ବୃଦ୍ଧ, ସାକ୍ଷର, ନିରକ୍ଷର, ଶିକ୍ଷିତ, ଅଶିକ୍ଷିତ, ବୁଦ୍ଧିଆ, ନିର୍ବୁଦ୍ଧିଆ ସମସ୍ତେ ରହିବେ। ରାଜନୀତିର ମୂଳକଥାଟି ଅଛି ପ୍ରଶ୍ନ ଏବଂ ଉତ୍ତରରେ। ପ୍ରଶ୍ନ ନ ରହିଲେ ଗଣତନ୍ତ୍ର ରହିବ ନାହିଁ। ପୁଣି ପ୍ରଶ୍ନର ଉତ୍ତର ନ ରହିଲେ ଗଣତନ୍ତ୍ର ଭୁଶୁଡ଼ି ଯିବାକୁ ବାଧ୍ୟ। ଗୋଟିଏ ଦେଶର ଗଣତନ୍ତ୍ର ତା'ର ନ୍ୟାୟପୂର୍ଣ୍ଣ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଯୋଗୁଁ ବଂଚିରହେ। ଏ ପ୍ରଶ୍ନୋତ୍ତର ମୁହଁର କଥା ନୁହେଁ, ମୂଳତଃ କାର୍ଯ୍ୟର। ଯେଉଁଠି ପ୍ରଶ୍ନକୁ ବନ୍ଦ କରିବାର ମସୁଧା ହୁଏ ସେଠାରେ ସାମରିକତନ୍ତ୍ର, ସ୍ୱେଚ୍ଛାତନ୍ତ୍ର, ଧନୀତନ୍ତ୍ର, ଗୋଷ୍ଠୀତନ୍ତ୍ର ଭଳି ଅବସ୍ଥା ଉପୁଜେ। ଏ କଥା କହିଲାବେଳେ ଗୋଟିଏ ଜଣାଶୁଣା ପିଲାଙ୍କ ଗୀତ ମନେପଡୁଛି। 'ବିଚାର ବିଗିଡ଼ିଗଲା'। ''ଧାରା ଶିରାବଣ ମାସ ଶେଷ ରବିବାର / ନିଧିବୁଢ଼ା ବାଡ଼ିପଟେ ପଡ଼ିଛି ବିଚାର।'' ଲେଖକ- ଦିଗମ୍ବର ରଥ। କ'ଣ ବିଷୟବସ୍ତୁ ନିଧିବୁଢ଼ାର ଭୁଲ୍ କଥାଗୁଡ଼ିକ ହିଁ ମଶା, ମାଛି, ମୂଷା ମିଳିତ ଭାବରେ ଆଲୋଚନା କରିଛନ୍ତି। ବୁଢ଼ା ଧୂଆଁ ବା ପ୍ରତିଶେଧକର ବ୍ୟବସ୍ଥା କରେନି। ମଶାରି ଟାଙ୍ଗେନା। ଘର ଚାରିପଟୁ ପଚା, ସଢ଼ା, ଖାତ, ଖମା ସଫା କରେନା। ଉଷୁମ ଉପଯୁକ୍ତ ଖାଦ୍ୟ ଖାଏନା କି ଖାଦ୍ୟରୁ ମାଛି ଘଉଡ଼ାଏନା। ତେଣୁ ମଶା, ମାଛି, ମୂଷା ବିଚାର କରିଛନ୍ତି ବୁଢ଼ାର ଜୀବନ ନେବେ। ଏଠାରେ ବ୍ୟବସ୍ଥାର ନାମ ନିଧିବୁଢ଼ା। ବ୍ୟବସ୍ଥା ଭିତରେ ଅବ୍ୟବସ୍ଥାର ଛବି ଫୁଟିଉଠିଛି ମଶା, ମୂଷାଙ୍କ ମାଧ୍ୟମରେ। ଲେଖକ ଗୀତଟିକୁ ଲେଖିଲାବେଳେ ଅସରପାଙ୍କ କଥା ଭୁଲିଯାଇଛନ୍ତି ନିଶ୍ଚୟ। ମଶା, ମାଛି, ମୂଷା ଗୀତଟିରେ ଯେଉଁ କଥାସବୁ ଉଠାଇଛନ୍ତି ସେ ସବୁ ପ୍ରଶ୍ନ। ନିଧିବୁଢ଼ା ପ୍ରଶ୍ନଗୁଡ଼ିକୁ ଶୁଣିପାରି ସେଗୁଡ଼ିକର ଉତ୍ତର ରଖିଛନ୍ତି। ଫଳରେ ସମାଧାନ ଆସିଛି। ବ୍ୟବସ୍ଥା ସୁରକ୍ଷିତ ହୋଇଛି। ତେଣୁ ବୁଝିନେବା ଆବଶ୍ୟକ ଯେ ବ୍ୟବସ୍ଥା ଦେହ ହେଉ କି ଘର, ଗାଆଁ ହେଉ କି ଦେଶ ତା'ର ସୁରକ୍ଷା ସକାଶେ ଉଭୟ ଭିତରେ ଓ ବାହାରେ ଉଠୁଥିବା ସମସ୍ତ ପ୍ରଶ୍ନର ଉତ୍ତର ରଖିବା ପ୍ରଶାସନର ଅସଲ କାମ। ଅତ୍ୟଧିକ ଗ୍ରୀଷ୍ମ ହେଲେ ତଳର ପବନ ଉପରକୁ ଉଠିଯାଏ। ପବନର ସେ ଶୂନ୍ୟସ୍ଥାନ ପୂରଣ ପାଇଁ ଚାରିଆଡୁ ଥଣ୍ଡା ପବନ ଧାଇଁଆସେ ଓ ଝଡ଼ତୋଫାନ ସୃଷ୍ଟିକରେ। ତେଣୁ ଯେଉଁଠି ପ୍ରକୃତି ଏ ସନ୍ତୁଳନ ବିଗାଡ଼େ ନାହିଁ ସେଠାରେ ଝଡ଼ର ପ୍ରକୋପ କମ୍ ହୁଏ। ସେମିତି ସମାଜରେ ବି ବିଭିନ୍ନ କାରଣରୁ ନାନା ଉତେଜନା ପ୍ରକାଶ ପାଏ। ଝଡ଼ ଉଠେ। ଘରଦ୍ୱାର ଭାଙ୍ଗେ। ଅକଳନ କ୍ଷୟକ୍ଷତି ହୁଏ। ସବୁ ମାଡ଼ ପଡ଼େ ସମୂହ ଉପରେ। ତେଣୁ ଝଡ଼ ଉଠିବା ପୂର୍ବରୁ ତା'ର ପ୍ରଶମନ ଲାଗି ବାଟ କରିବା ବୁଦ୍ଧିମାନର କାମ। ସେଇକଥା କରିଥିଲା ନିଧିପୁରର ନିଧିବୁଢ଼ା। ଯେଉଁଠି ଅନୁତରିତ ପ୍ରଶ୍ନଗୁଡ଼ିକ ଜମି ରହି ପ୍ରଳୟ ସୃଷ୍ଟି କରେ ସେଠାରେ ସମାଧାନ ଖୋଜିଲାବେଳକୁ ଲେଡ଼ିଗୁଡ଼ କହୁଣିକୁ ବୋହିଯାଇଥାଏ। ଏ ସଂକ୍ରାନ୍ତରେ ଇଂରେଜୀ କବି ରବର୍ଟ ସାଉଦେଙ୍କ 'ଗଡ୍‌ସ ଜଜ୍‌ମେଂଟ ଅନ୍ ଏ ଉଇକେଡ୍ ବିସପ୍' କବିତାଟି ମନେପଡୁଛି। ଦଶମ ଶତାବ୍ଦୀର କଥା। ଜର୍ମାନୀର ମେଞ୍ଜସ୍ଥିତ କାଥିଲିକ୍ ଗୀର୍ଜାର ମୁଖ୍ୟ ଧର୍ମଯାଜକ ଥାଆନ୍ତି ବିସପ୍ ହାଟୋ-ଦ୍ୱିତୀୟ। ଗୀର୍ଜା ଅଧୀନରେ ସବୁ ଜମିବାଡ଼ି। ପ୍ରଚୁର ଧାନ ଅମଳ ହୁଏ। ହାଟୋ ମହାଶୟ ଇତିମଧ୍ୟରେ ପାଖରେ ବୋହିଯାଉଥିବା ନଦୀର ଏକ ଟାପୁରେ ତୋଳିଥାନ୍ତି ସେଂଟଜର୍ଜ ନାମକ ଏକ ବିଶାଳ ଚର୍ଚ୍ଚ। ସେଇ ଭିତରେ ସୁଉଚ୍ଚ ଅମାର-ଧାନ ଭଣ୍ଡାରର ଅଭେଦ୍ୟ ଦୁର୍ଗ। ଖ୍ରୀଷ୍ଟାବ୍ଦ ୯୭୪ରେ ଦୁର୍ଭିକ୍ଷ ପଡ଼ିଲା। ଖାଦ୍ୟ ଅଭାବରୁ ଲୋକେ ପୋକମାଛି ପରି ମଲେ। ବିସପ୍ ଆପଣେ ଚୁପ୍‌ଚାପ୍ ବସି ରହିଲେ। ଆଗରୁ ଅବିଚାରିତ ବେଠି ଖଟାଇ, କର ଆଦାୟ କରି ସେ ଲୋକଙ୍କୁ ଲହୁଲୁହାଣ କରିଦେଇଥାନ୍ତି। ଏବେ ଗୋଟେ ଉପାୟ ପାଟିଂ ଲୋକଙ୍କୁ ଖାଇବାକୁ ଦେବେ ବୋଲି ଗୋଟେ ଅମାର ଭିତରେ ପୂରାଇ ସବୁଆଡ଼ ବନ୍ଦ କରିଦେଲେ। ଭୃତ୍ୟଙ୍କୁ କହିଲେ ନିଆଁ ଲଗେଇଦିଅ। ନାରୀ, ପୁରୁଷ, ପିଲା, ବୁଢ଼ା ସମସ୍ତେ ଜଳିପୋଡ଼ି ମଲେ। ନିଆଁ ଜଳୁଥିବା ବେଳେ ଟାପରା କରି କହିଲେ, ଦେଖ ଶସ୍ୟଖିଆ ମୂଷାଗୁଡ଼ାକ କେମିତି ଜଳିପୋଡ଼ି ମରୁଛନ୍ତି। କାହାଣୀ ଏତିକିରେ ସରିନାହିଁ। କ୍ରୁର ବିସପ୍ ହାଟୋ ନିଜ ଦୁର୍ଗ ଭିତରେ ସୁରକ୍ଷିତ ଥାଆନ୍ତି। ହଠାତ୍ କାହୁଁ ଲକ୍ଷ ଲକ୍ଷ ସଂଖ୍ୟାରେ ମାଡ଼ିଆସିଲେ ଅସଂଖ୍ୟ ମୂଷା। ସବୁ ଖାଇଗଲେ। ଅମାର, ମଣିଷ, ଧାନ, ଘର, ଦ୍ୱାର ଏବଂ ଖୋଦ୍ ବିସପ୍‌ଙ୍କୁ। ବିସପ୍ ହାଟୋ ନିଜେ ଏକ ବ୍ୟବସ୍ଥା। ଏଠି ତାଙ୍କର ବଡ଼ ଭୁଲ୍ ହେଲା ଯେ ସେ ପ୍ରଶ୍ନର ଠିକ୍ ଉତର ରଖି ନ ଥିଲେ। ଶାସନ କହିଲେ ପ୍ରଶ୍ନୋତ୍ତର। ଯିଏ ପ୍ରଶ୍ନ ହିଁ ବୁଝିପାରେନା କି ତା'ର ପ୍ରତିକାରର ବାଟ ଜାଣେନା ସେ ଶାସକ ହେବ କେମିତି? ପ୍ରଶ୍ନର ଯଥାଯଥ ଉତର ଏବଂ ତା'ର ଚତୁର ସମାଧାନ କାଳେକାଳେ ପ୍ରଶାସନିକ ସଫଳତାର ଚାବିକାଠି ଭାବରେ ପ୍ରମାଣିତ ହୋଇଛି। ଆଗରୁ ସ୍କୁଲମାନଙ୍କରେ ଇଂରେଜୀ ସାହିତ୍ୟପାଠ ପାଇଁ ଗୋଟିଏ କବିତା ଚଳୁଥିଲା- 'ଦ ପାଏଡ୍ ପାଇପର୍ ଅଫ୍ ହାମେଲିନ୍'। ଲେଖକ ହେଉଛନ୍ତି ରବର୍ଟ ବ୍ରାଉନିଂ। ୧୮୪୨ର ଏ କବିତାଟି ପୁଣି ସେଇ ମୂଷାମାନଙ୍କୁ ନେଇ। ଜର୍ମାନୀର ଲୋକକଥା ଉପରେ ଆଧାରିତ ଗୋଟିଏ ସହରରେ ଏକଦା ମୂଷାମାନେ ପ୍ରବଳ ହୋଇଛନ୍ତି। କେଡ଼େ ସୁନ୍ଦର ଲେଖିଛନ୍ତି କବି- ''ମୂଷାଦଳ। କୁକୁରଙ୍କ ସହ ଲଢ଼ିଲେ, ବିଲେଇଙ୍କୁ ଖାଇଲେ, ଝୁଲଣାରେ ଝୁଲୁଥିବା ଶିଶୁଙ୍କୁ ସୁଦ୍ଧା ଝୁଣିପକେଇଲେ। ଘରେ ପଶି ଦହି, କ୍ଷୀର, ଛେନା ଖାଇଗଲେ, ରୋଷେଇଘରେ ଥିବା କଡ଼େଇ, ଡଙ୍କିରୁ ମଧ୍ୟ ସବୁ ଅଣ, ତିଅଣ ଚାଟିଦେଲେ।'' କ'ଣ ଥିଲା ବାଟ କେମିତି ପାରିହେବ ଏ ମୂଷା ପଲକୁ 'ବିସପ୍ ହାଟୋ' ବିଷୟକ କବିତାରେ ସମାଧାନ ଥିଲେ ମୂଷାଦଳ ମାତ୍ର ଏଠାରେ ମୂଷାମାନେ ତ ନିଜେ ସମସ୍ୟା! କ'ଣ କରାଯିବ? ଶେଷକୁ ନଗରପାଳ ନିମନ୍ତ୍ରଣ କରି ଆଣିଲେ ଜଣେ ବେଣୁବାଦକଙ୍କୁ। ବହୁବର୍ଣ୍ଣୀ ପୋଷାକ ପିନ୍ଧିଥିବା ରଙ୍ଗିଲା ବେଣୁବାଦକ, 'ପାଏଡ୍ ପାଇପର। ପ୍ରଚୁର ସ୍ୱର୍ଣ୍ଣମୁଦ୍ରା ମିନିମୟରେ ସେ ସହରକୁ ମୂଷାମୁକ୍ତ କରିବାର ପ୍ରତିଶ୍ରୁତି ଦେଲେ। ସେଇଆ ହେଲା। ବେଣୁବାଦକ ନିଜର ବାଦ୍ୟନଳୀଟିକୁ ଫୁଙ୍କି ଫୁଙ୍କି ସମୁଦ୍ରରେ ପଶିଲେ। ତାଙ୍କ ପଛେ ପଛେ ମୂଷା। କଳା, ଧଳା, ପାଉଁଶିଆ ସମସ୍ତେ। ଅଜସ୍ର। ଅବିଶ୍ୱାସ୍ୟ। ମୂଷା ସମସ୍ୟା ହଟିଲା ମାତ୍ର ନଗରପାଳ ଦେଇଥିବା କଥା ରଖିଲେ ନାହିଁ। ଫଳରେ ବେଣୁବାଦକ ପ୍ରତିଶୋଧ ନେଇଛନ୍ତି। ବେଣୁ ବଜାଇ ଆକର୍ଷିତ କରିନେଇଛନ୍ତି ସହରର ଶିଶୁ-କିଶୋର ସମସ୍ତଙ୍କୁ। ଅପ୍ରତିରୋଧ ସେ ଆକର୍ଷଣ। ଗୋଟିଏ ଗୁମ୍ଫାରେ ସମସ୍ତେ ପଶିଛନ୍ତି। ତା'ପରେ ସବୁ ଅଦୃଶ୍ୟ। ସର୍ବନାଶ। ତ୍ରୟୋଦଶ ଶତାବ୍ଦୀର ଏଇ ଲୋକକାହାଣୀଟିର ଅନୁଶୀଳନ ନାନା ଭାବରେ କରାଯାଇଛି। ମୂଷାମାନେ ପ୍ଲେଗ୍ ରୋଗର ବାହକ। ତେଣେ ପିଲାମାନେ ଆଗାମୀର ଭବିଷ୍ୟତ। ରଙ୍ଗିଲା ପୋଷାକପିନ୍ଧା ବେଣୁବାଦକଙ୍କ ଭୂମିକାକୁ ନେଇ ନାନା ରାଜନୈତିକ, ସାମାଜିକ, ଧାର୍ମିକ ବିଶ୍ଳେଷଣ କରିଛନ୍ତି ବ୍ୟାଖ୍ୟାକାରୀମାନେ। ମାତ୍ର ସତକଥାଟି ହେଲା କୌଣସି ପ୍ରଶ୍ନର ଉତ୍ତର ଯେ ସୁଚିନ୍ତିତ ଭାବରେ ଦିଆଯିବା ଆବଶ୍ୟକ ତାହା ହିଁ ଅସଲ ରାଜନୀତି। ଭାରତବର୍ଷର ଜଣେ ଅଦ୍ୱିତୀୟ ରାଜନେତା ଆମ ଓଡ଼ିଶାର ମାନନୀୟ ରବି ରାୟଙ୍କ ଆତ୍ମଜୀବନୀ 'ଅନ୍ୱେଷାର ଆକାଶ' କହେ, ''ବ୍ରିଟିଶ ସରକାର କହୁଥିଲେ ଯେ ୧୯୪୨ରେ ହୋଇଥିବା 'ଭାରତଛାଡ଼ ଆନ୍ଦୋଳନ' ଏକ 'ଛାତ୍ର ଆନ୍ଦୋଳନ'। ସେତେବେଳେ ସିନ୍ଧ୍ ପ୍ରଦେଶର ଜଣେ ଛାତ୍ର 'ହେମୁ କଲ୍ୟାଣୀ' ସହିଦ ହୋଇଥାନ୍ତି। ଓଡ଼ିଶା ଜାତୀୟ କଂଗ୍ରେସ ନେତାମାନେ ଜେଲ୍‌ରେ ଥିଲେ। ସେମାନେ ୧୯୪୫ରେ ଜେଲ୍‌ରୁ ଖଲାସ ହୁଅନ୍ତେ ଏଠି ଛାତ୍ର ଆନ୍ଦୋଳନ ଆରମ୍ଭ ହୋଇଗଲା।'' ଭାରତଛାଡ଼ ଆନ୍ଦୋଳନରେ ଏ ଚିତ୍ର ତାତ୍ପର୍ଯ୍ୟପୂର୍ଣ୍ଣ। ଛାତ୍ରମାନେ ଆଗରେ। ଗୋଟିଏ ଦେଶର ପରିଚାଳନା ବ୍ୟବସ୍ଥାରେ ଯୁବଗୋଷ୍ଠୀ ମତଦାତା ହେବା ପୂର୍ବରୁ ସୁଦ୍ଧା ଗଣମତ ସୃଷ୍ଟି କରିବାରେ ଭୂମିକା ନିର୍ବାହ କରନ୍ତି। ସେମାନଙ୍କୁ ନୂଆ ନାଁ ଦେଇ ଆଲ୍‌ଫା, ଗାମା, ଜେଡ୍ କହିଦେଲେ ତାହା ଅସଲ କଥାଟିକୁ ବୁଝାଏ ନାହିଁ। ସେମାନେ ସମୂହର ଅଂଶ। ମଶା, ମୂଷା, ଅସରପା, ବିରୁଡ଼ିଙ୍କ କ୍ଷମତା ଆକଳନ କରିବା ସହଜ ନୁହେଁ। ସମାଧାନ ତ ଅଛି ମାତ୍ର 'ପାଏଡ୍ ପାଇପର୍'କୁ ଡାକି ଉତର ଖୋଜିଲା ଭଳି ଉତ୍ତରର ପ୍ରକୃତ ପ୍ରତିଶ୍ରୁତି ପାଳନ କରିବା ଆବଶ୍ୟକ। ନିଧିବୁଢ଼ା ହୋଇ ଅକଥାଗୁଡ଼ିକୁ ହଟେଇବା ଦରକାର। ବିସପ୍ ହାଟୋ ସାଜିଲେ ପରିଣତି ଯେ ଭୟଙ୍କର ହୁଏ ତା'ର ଉଦାହରଣ ଅନେକ। ମଶା, ମୂଷା, ଅସରପା ସବୁ ଆମ ବ୍ୟବସ୍ଥାରେ ଅଛନ୍ତି। ସେମାନଙ୍କୁ ନେଇ ସମସ୍ୟା ଅଛି। ତା'ର ସମାଧାନ ବି ଅଛି। ଖୋଜି ପାଇଲେ ହେଲା।

# ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଓ ଅଧିକ୍ଷକଙ୍କ ମିଳିତ ଜନ ଶୁଣାଣୀ

କେନ୍ଦ୍ରାପଡ଼ା: ଆଜି ପଂଚାୟତ ସମିତି ପରିସରରେ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଓ ଅଧିକ୍ଷକଙ୍କ ମିଳିତ ଜନ ଶୁଣାଣିରେ ଆଜି ନିର୍ବାଚନ ମଣ୍ଡଳୀର ମେଣ୍ଢପୁର ପଂଚାୟତବାସୀ ସେକ ଗବର, ସେକ ସୋପାନ, କାଳା ଖାଁ, ସେକ ଆତିଫ, ଅବଦୁଲ୍ ମିତନ, କାଦର ଖାଁ ପ୍ରମୁଖ ଜିଲ୍ଲାପାଳ ରଘୁରାମ ଆର ଆୟରଙ୍କୁ ଯୁଗ୍ମ ଜନଶୁଣାଣିରେ ଭେଟି ପଂଚାୟତରେ ହୋଇଥିବା ଭୋଟର ତାଲିକାରୁ ନାମ ବାଦ୍ ପଡିବା ମିଥ୍ୟା ଅଭିଯୋଗର କାର୍ଯ୍ୟାନୁଷ୍ଠାନ ପାଇଁ ଦାବୀପତ୍ର ପ୍ରଦାନ କରିଥିଲେ। ବର୍ତ୍ତମାନ ଭାରତ ସରକାରଙ୍କ ଦ୍ୱାରା ଚାଲିଥିବା ଏସଆଇଆର କାର୍ଯ୍ୟରେ ବିଏଲଓ ମାନେ ଦେଇଥିବା ତଦନ୍ତ ଜନସାଧାରଣଙ୍କ ଭୋଟର ତାଲିକା ଉପରେ ଜନଗଣନା ପ୍ରକ୍ରିୟା ଆରମ୍ଭ ହୋଇଛି। ଆଜି ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ଅଭିଯୋଗ ପତ୍ର ପଂଚାୟତ ବୁଥର ଚିଠାରେ କିଛି ହୀନ ଚକ୍ରାନ୍ତକାରୀମାନେ ୨୭୦୦ ଜଣ ଭୋଟରମାନଙ୍କୁ ତାଲିକାରୁ ବାଦ୍ ଦେବାପାଇଁ ଫର୍ମ-୭ ରେ ଉନ୍ନୟନ ଅଧିକାରୀଙ୍କ ନିକଟରେ ଅଭିଯୋଗ ପତ୍ର ଦାଖଲ କରିଥିଲେ। ଏବଂ ବିଡିଓ, ଇଆରଓ ଉକ୍ତ ଅଭିଯୋଗ ଫର୍ମ-୭କୁ ସମ୍ପୃକ୍ତ ବିଏଲଓ ଙ୍କ ନିକଟକୁ ପ୍ରେରଣା କରିଥିଲେ। ଏଇ ଖବର ପ୍ରସାର ପ୍ରଚାର ହେବା ପରେ, ଯାହା ଫଳରେ ସମସ୍ତ ସଂଖ୍ୟାଲଘୁ ସମ୍ପ୍ରଦାୟର ଭୋଟରମାନେ ବ୍ୟତିବ୍ୟସ୍ତ ହୋଇ ପଡିଛନ୍ତି। କାରଣ ସମସ୍ତେ ଜୀବିତ ଅଛନ୍ତି ଆଜି ନିର୍ବାଚନ ମଣ୍ଡଳୀର କିଛି ହୀନ ଚକ୍ରାନ୍ତକାରୀଙ୍କ ଏହି ମିଥ୍ୟା ଅଭିଯୋଗକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ମେଣ୍ଢପୁର ପଂଚାୟତର ମୁସଲମାନ ବସ୍ତିର ଶତାଧିକ ଭୋଟରମାନେ ଥାନାଧିକାରୀ, ବିଡିଓ, ତହସିଲଦାରଙ୍କୁ ଭେଟି ମିଥ୍ୟା ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ନେବାପାଇଁ ଅଭିଯୋଗ ମଧ୍ୟ କରିଥିଲେ।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ
Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin :769003







# ଟିକସ ବିବାଦରେ ଲଖନପୁର ଅଚଳ, ଅଟକିଛି ହଜାରେ ଟ୍ରକ୍

ଝାରସୁଗୁଡ଼ା,୮/୯(ନି/ପ୍ର): ଟିକସ ବକେୟାକୁ ନେଇ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍ସିଏଲ୍) ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଚାଲିଥିବା ବିବାଦର ପ୍ରଭାବ ଏବେ ଲଖନପୁର କୋଇଲା ଖଣି ଅଂଚଳରେ ସ୍ପଷ୍ଟ ହୋଇଛି। ପ୍ରାୟ ୧୩୦ କୋଟି ଟଙ୍କାର ଟିକସ ବକେୟା ବିବାଦ ଯୋଗୁଁ ଚଳିତ ମାସ ପ୍ରଥମ ଦିନରୁ କୋଇଲା ପରିବହନ ପାଇଁ ଆବଶ୍ୟକ ଟ୍ରାନଜିଟ୍ ପରମିଟ୍ ଜାରି ବନ୍ଦ ରହିଛି। ଫଳରେ ଅଂଚଳରେ କୋଇଲା ପରିବହନ ବ୍ୟବସ୍ଥା ପ୍ରାୟ ସମ୍ପୂର୍ଣ୍ଣ ଠପ୍ ହୋଇପଡ଼ିଛି। ସମ୍ବଲପୁର ଖଣି ଉପନିର୍ଦ୍ଦେଶକ ଦୀନେଶ ଅଗ୍ରୱାଲଙ୍କ ସୂଚନା ଅନୁସାରେ, ରାଜ୍ୟ ସରକାର ଟ୍ରାନ୍ଜିଟ୍ ପରମିଟ୍ ଟିକସ ବ୍ୟବସ୍ଥାରେ ପରିବର୍ତ୍ତନ କରି ସମସ୍ତ ଶ୍ରେଣୀର କୋଇଲାକୁ ସର୍ବୋଚ୍ଚ ଟିକସ ସ୍ଲାବ୍ରେ ଅନ୍ତର୍ଭୁକ୍ତ କରିଛନ୍ତି। ଏହି ନିଷ୍ପତ୍ତିକୁ ଏମ୍ସିଏଲ୍ ଆଇନଗତ ଭାବେ ଚ୍ୟାଲେଞ୍ଜ କରିଛି ଏବଂ ମାମଲାଟି ବର୍ତ୍ତମାନ ଟ୍ରିବ୍ୟୁନାଲ୍ରେ ବିଚାରାଧୀନ ରହିଛି। ବିବାଦୀୟ ହାରରେ ଟିକସ ଦେବାକୁ ଏମ୍ସିଏଲ୍ ଅସ୍ୱୀକାର କରିଥିବାରୁ ପରମିଟ୍ ଜାରି ବନ୍ଦ ରହିଥିବା କୁହାଯାଇଛି। ପରିବହନ ବନ୍ଦ ହେବା ଯୋଗୁଁ ଲଖନପୁର ଅଂଚଳରେ ପ୍ରତିଦିନ ଚଳାଚଳ କରୁଥିବା ୧ ହଜାରରୁ ଅଧିକ ଟ୍ରକ୍ ଅଟକି ରହିଛି। ଏହାର ସିଧାସଳଖ ପ୍ରଭାବ ଟ୍ରକ୍ ମାଲିକ, ଚାଳକ, ହେଲ୍ପର୍ ଏବଂ ରାସ୍ତାକଡ଼ର ଛୋଟ ବ୍ୟବସାୟୀଙ୍କ ଉପରେ ପଡ଼ିଛି। ଏହି ସଙ୍କଟ ଯୋଗୁଁ ପ୍ରାୟ ୩ରୁ ୪ ହଜାର ପରିବାରର ଜୀବିକା ପ୍ରଭାବିତ ହୋଇଥିବା ଜଣାପଡ଼ିଛି। ସମସ୍ୟାର ତୁରନ୍ତ ସମାଧାନ ଦାବି କରି ବନ୍ଧବାହାଲ ଟ୍ରକ୍ ଆସୋସିଏସନ୍ ପକ୍ଷରୁ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଛି। ତେବେ ଅଭିଯୋଗର ଦୁଇ ଦିନ ପରେ ମଧ୍ୟ ସ୍ଥିତିରେ କୌଣସି ସୁଧାର ଆସିନାହିଁ। ଅନ୍ୟପକ୍ଷରେ, ବ୍ରଜରାଜନଗର ରେଳବାଇର ଏଆରଏମ୍ ଘନଶ୍ୟାମଙ୍କ ସୂଚନା ଅନୁଯାୟୀ, ଲଖନପୁରରୁ ରେଳ ରେକ୍ରେ କୋଇଲା ଲୋଡିଂ ମଧ୍ୟ ଯଥେଷ୍ଟ ହ୍ରାସ ପାଇଛି। ଗତ ଚାରି ଦିନ ଧରି ଖଣିରୁ ଉତ୍ପାଦନ ଜାରି ରହିଥିବାବେଳେ ପରିବହନ ବ୍ୟାହତ ହେବାରୁ ବିପୁଳ ପରିମାଣର କୋଇଲା ମହଜୁଦ ହୋଇରହିଛି। ଦୀର୍ଘ ସମୟ ଧରି କୋଇଲା ଗଚ୍ଛିତ ହୋଇ ରହିଲେ ଆତ୍ମଦାହଜନିତ ଅଗ୍ନିକାଣ୍ଡର ଆଶଙ୍କା ରହିଥିବାରୁ ସୁରକ୍ଷା ନେଇ ମଧ୍ୟ ଚିନ୍ତା ବଢ଼ିଛି। ତେଣୁ ଟିକସ ବିବାଦର ଶୀଘ୍ର ସମାଧାନ କରି ଲଖନପୁର ଅଂଚଳରେ ପରିବହନ ବ୍ୟବସ୍ଥା ସ୍ୱାଭାବିକ କରିବାକୁ ଅଂଚଳବାସୀ ଓ ପରିବହନ ସଂଘ ପକ୍ଷରୁ ଦାବି ହୋଇଛି।

# ସ୍ନାପଚାଟରେ ନାବାଳିକାଙ୍କୁ ଫସାଇ ଆପତ୍ତିଜନକ ଭିଡିଓ ପ୍ରସାରଣ
## ଉତରାଖଣ୍ଡରୁ ଅଭିଯୁକ୍ତ ଗିରଫ

ସମ୍ବଲପୁର, ୮/୯(ନି/ପ୍ର): ସାଇବର କ୍ରାଇମ୍ ଓ ଇକୋନୋମିକ୍ ଅଫେନ୍ସ ପୋଲିସ ଥାନାରେ ରୁଜୁ କେସ୍ ନଂ. ୩୦, ତା. ୧୧.୦୮.୨୦୨୬ ମାମଲାରେ ଉତରାଖଣ୍ଡରୁ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ମାମଲାଟି ବିଏସ୍ଏସ ଧାରା ୭୫/୭୭/୭୯, ଆଇଟି ଆକ୍ଟ ଧାରା ୬୬(ଇ)/୬୭/୬୭(ବି) ଏବଂ ପୋକ୍ସୋ ଧାରା ୧୨/୧୫ ଅନୁଯାୟୀ ରୁଜୁ ହୋଇଛି। ପୋଲିସର ତଦନ୍ତରୁ ଜଣାପଡ଼ିଛି ଯେ,ହରିଦ୍ୱାର, ଉତରାଖଣ୍ଡ, ହରିଦ୍ୱାରର କଙ୍ଖାଲ ଥାନା ଅଂଚଳର ହରବୀର ସାଇନିର ୨୫ ବର୍ଷୀୟ ପୁଅ ଅଭିଯୁକ୍ତ ଆୟୁଷ ସାଇନି ସ୍ନାପଚାଟ୍ ମାଧ୍ୟମରେ ଜନୈକା ନାବାଳିକାଙ୍କ ସହ ଅନ୍ତରଙ୍ଗ ସମ୍ପର୍କରେ ଆସିବା ପରେ ତା' ବିଶ୍ୱାସ ଜିତିଥିଲା। ପରେ ଭିଡିଓ କଲ୍ରେ ଯୋଗଦେବାକୁ ପ୍ରଲୋଭିତ କରି ତାଙ୍କ ଆପତ୍ତିଜନକ ଫଟୋ/ଭିଡିଓ ସଂଗ୍ରହ କରିଥିବା ଅଭିଯୋଗ ହୋଇଥିଲା। ପରବର୍ତ୍ତୀ ସମୟରେ ଅଭିଯୁକ୍ତ ନାବାଳିକାଙ୍କୁ ଧମକ ଦେବା ସହ ହଇରାଣ କରିଥିଲେ ଏବଂ ୱାଟସ୍ ଆପ୍ ମାଧ୍ୟମରେ ଆପତ୍ତିଜନକ ଭିଡିଓ ଫାଇଲ୍ ପ୍ରେରଣ କରିଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତ ଆୟୁଷ ସାଇନିକୁ ୩ ସେପ୍ଟେମ୍ବର ୨୦୨୬ ଅପରାହ୍ନ ୩ଟା ୫୦ରେ ଗିରଫ କରାଯାଇଥିଲା। ତାଙ୍କୁ ରୋଶନାବାଦ, ହରିଦ୍ୱାରସ୍ଥିତ ଜେଏମ୍ (୨)ଙ୍କ ଅଦାଲତରେ ହାଜର କରାଯିବା ପରେ ସମ୍ବଲପୁର ଅଦାଲତରେ ହାଜର ପାଇଁ ଟ୍ରାଞ୍ଜିଟରେ ଅଣାଯାଇଛି। ତା' ନିକଟରୁ ଜବତ ସାମଗ୍ରୀ ମଧ୍ୟରେ ଗୋଟିଏ ମୋବାଇଲ୍ ହ୍ୟାଣ୍ଡସେଟ୍, ୧ଟି ସିମ୍ କାର୍ଡ ୧ଟି ମାଇକ୍ରୋ ଏସଡି କାର୍ଡ ମୋବାଇଲ୍ ଡିଭାଇସର ପ୍ରାଥମିକ ଯାଂଚରୁ ଏକାଧିକ ସୋସିଆଲ୍ ମିଡିଆ/ଇ-ମେଲ୍ ଆକାଉଂଟ, ୱାଟସ୍ ଆପ୍ ଯୋଗାଯୋଗ ଏବଂ ନାବାଳିକାଙ୍କ ସହ ସମ୍ପର୍କିତ ସାମଗ୍ରୀ ମିଳିଥିବା ପୋଲିସ ପ୍ରେସ୍ ନୋଟ୍ରେ ଉଲ୍ଲେଖ କରିଛି । ଅଭିଭାବକ ଓ ଶିକ୍ଷାନୁଷ୍ଠାନ ପାଇଁ ପରାମର୍ଶ ଯେ' ଶିଶୁମାନଙ୍କ ଅନଲାଇନ୍ କାର୍ଯ୍ୟକଳାପ ପ୍ରତି ସଚେତନ ରହିବା, ଅଜଣା ବ୍ୟକ୍ତିଙ୍କ ସହ ଯୋଗାଯୋଗ ନକରିବା ଓ ବ୍ୟକ୍ତିଗତ ତଥ୍ୟ/ଫଟୋ ସେୟାର ନକରିବା ପାଇଁ ସଚେତନ କରିବାକୁ ପୋଲିସ ପରାମର୍ଶ ଦେଇଛି। ଧମକ କିମ୍ବା ଫଟୋ/ଭିଡିଓର ଅପବ୍ୟବହାର ହେଲେ ଭୟଭୀତ ହୋଇ ପ୍ରମାଣ ଡିଲିଟ୍ ନକରି ତୁରନ୍ତ ଅଭିଭାବକ ଓ କର୍ତ୍ତୃପକ୍ଷଙ୍କୁ ଜଣାଇବାକୁ କୁହାଯାଇଛି।

# ଗୁଡ଼ିଗାଁରେ କୂଅରେ ବୁଡ଼ି ଯୁବକ ମୃତ

ଝାରସୁଗୁଡ଼ା, ୮/୯(ନି/ପ୍ର): କୋଲାବିରା ବ୍ଲକ କେଲେଣ୍ଡାମାଲ ପଂଚାୟତ ଲଇକେରା ଥାନା ଅଧିନସ୍ଥ ଗୁଡ଼ିଗାଁ ଗ୍ରାମ ଖଳଗୁଡ଼ା ପଡ଼ାରେ ରବିବାର ମଧ୍ୟାହ୍ନରେ ପାଣିରେ ବୁଡି ଜଣେ ଯୁବକଙ୍କ ମୃତ୍ୟୁ ହୋଇଯାଇଥିବା ଅଭିଯୋଗ ହୋଇଛି। ମୃତ ଯୁବକ ହେଲେ ଏହି ଗ୍ରାମର ସୀତାରାମ କାଲୋଙ୍କ ପୁଅ ବିଜୟ କାଲୋ(୨୪)। ଆଜି ମଧ୍ୟାହ୍ନ ପ୍ରାୟ ୧୨ ଟା ରେ ବିଜୟ ନିଜ ଘର ବାଡ଼ି କୂଅ ଉପରେ ଗାଧୋଉଥିବା ବେଳେ ଅସାବଧାନ ବଶତଃ କୂଅ ଭିତରେ ପଡ଼ି ଯାଇ ପାଣିରେ ବୁଡ଼ି ଯାଇଥିଲେ । କୂଅ ନିକଟରେ ଥିବା ବିଜୟଙ୍କ ମା ବଂଚାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ । ସୂଚନା ପାଇ କୋଲାବିରା ଦମକଳ ବାହିନୀ ଘଟଣସ୍ଥଳରେ ପହଂଚି ପ୍ରାୟ ୧ ଘଂଟା ପରେ କୂଅ ଭିତରୁ ବିଜୟଙ୍କ ମୃତ ଦେହ ଉଦ୍ଧାର କରିଥିଲେ । ଲଇକେରା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବକୁ ପୋଷ୍ଟମର୍ଟମ ଝାରସୁଗୁଡ଼ା ପଠାଇଥିଲା । ମୃତ ବିଜୟ ଅବିବାହିତ ଥିଲେ । ବିଜୟଙ୍କ ବିୟୋଗ ରେ ଗୁଡ଼ିଗାଁ ଗ୍ରାମରେ ଗଭୀର ଶୋକପ୍ରକାଶ ପାଇଛି ।

# ସାହେ୍ଲପାଲିକୁ ହରାଇ ସେମିରେ ବ୍ରଜରାଜନଗର

ଝାରସୁଗୁଡା, ୮/୯(ନି/ପ୍ର):କୋଲାବିରା ବ୍ଲକ ଅଧିନସ୍ଥ କୁଲିହାମାଲ ମିନି ଷ୍ଟାଡିୟମରେ ନୂଆଁଖାଇ ଉପଲକ୍ଷେ ଚାଲିଥିବା ଜ୍ୟୋତି ଏକାଦଶ ଫୁଟବଲ ଟୁର୍ଣ୍ଣାମେଂଟର ୨ୟ ସେମିଫାଇନାଲ ମ୍ୟାଚରେ ଏସଇଆର ଜୁନିୟର ବ୍ରଜରାଜନଗର ୪-୦ ଗୋଲରେ ସାହେ୍ଲପାଲି କୁ ପରାସ୍ତ କରି ୨ୟ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି କ୍ଷ ଆଜିର ଖେଳକୁ କୋଶଲ ରେଫରି ରାଜେଶ ଭାଇଁସା, ଲକ୍ଷ୍ମଣ କିସାନ, ଲେଲିନ ପଟେଲ ଅନିଲ କିସାନ ପରିଚାଳନା କରିଥିଲେ କ୍ଷ ଅନୁଷ୍ଠିତ ମ୍ୟାଚରେ ବିଜେପି ମଣ୍ଡଳ ସଭାପତି ରାଜେଶ ଦାଶ, ବିଜେପି ମଣ୍ଡଳ ଉପସଭାପତି ସଞ୍ଜୟ ପୂଜାରୀ, ବିଜେପି ମଣ୍ଡଳ ସାଧାରଣ ସମ୍ପାଦକ ଲିଙ୍କନ ଟଣ୍ଡକାର, ସମାଜସେବୀ ଡାକ୍ତର ମନୋଜ ପ୍ରଧାନ, ବିଜେପିର କୁଲିହାମାଲ ପ୍ରଭାରୀ ଭାଗିରଥୀ ଛତ୍ରିଆ, ଅବସରପ୍ରାପ୍ତ ଶିକ୍ଷକ ଅଶୋକ କୁମାର ବେହେରା, ସମାଜସେବୀ ଦିପ୍ତେଶ ପଟେଲ, ଧରିତ୍ରୀ କିସାନ, ଅବସରପ୍ରାପ୍ତ ରାଜସ୍ୱ ଅଧିକାରୀ ଲକ୍ଷ୍ମଣ ନାଏକ, ଗ୍ରାମ୍ୟ କମିଟି ସଭାପତି ସୌରେନ୍ଦ୍ର ନାୟକ,ଅବସରପ୍ରାପ୍ତ ଶିକ୍ଷକ ଖିତିଚନ୍ଦ୍ର ନାଏକ ଓ ମୋହନ ସୁନ୍ଦର ନାଏକ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ ।

# ଏନଏଲସି ଦ୍ୱାରା ହୀରାକୁଦ ଜଳଭଣ୍ଡାର ପ୍ରଦୂଷଣ, ନିଯୁକ୍ତି, କୋଇଲା ଦୁର୍ନୀତି, ଡମ୍ପିଂ ୟାର୍ଡରେ ନିଆଁ ଆଦି ସମସ୍ୟା ଆରପିଡିଏସି ବୈଠକରେ ସାମିଲ କରି ତୁରନ୍ତ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଜୟବ୍ରତ ଦେଙ୍କ ଦାବି



ସମ୍ବଲପୁର,୮/୯(ନି/ପ୍ର):ଏନଏଲସି ଇଣ୍ଡିଆ ଲିମିଟେଡ୍ ଦ୍ୱାରା ପରିଚାଳିତ ଓଡିଶାର ସମ୍ବଲପୁର ଏବଂ ଝାରସୁଗୁଡ଼ା ଜିଲ୍ଲାର ସୀମାନ୍ତରେ ଥିବା ତଲାବିରା ୨ ଓ ୩ ବ୍ଲକକୁ ନେଇ ଗଠିତ ଓପନକାଷ୍ଟ (ଉନ୍ମୁକ୍ତ) କୋଇଲା ଖଣିରେ ଜଳ ଓ ଶିଳ୍ପ ବର୍ଜ୍ୟ ପ୍ରଦୂଷଣ ଏବଂ ଏହାର ପ୍ରଭାବରେ ବିଶ୍ୱପ୍ରସିଦ୍ଧ ହୀରାକୁଦ ଜଳ ଭଣ୍ଡାର ପ୍ରତି ସୃଷ୍ଟି ହୋଇଥିବା ବିପଦକୁ ନେଇ ଗଭୀର ଉଦ୍ ?ବେଗ ପ୍ରକାଶ ପାଇଛି ଓ ଏହା ସହିତ କ୍ଷତିପୂରଣ, କୋଇଲା ଦୁର୍ନୀତି, ଡମ୍ପିଂ ୟାର୍ଡରେ ନିଆଁ ଏବଂ ସ୍ଥାନୀୟ ନିଯୁକ୍ତି ଭଳି ଗୁରୁତର ଅଭିଯୋଗ ଉପରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷର ପୂର୍ବତନ ଅଧକ୍ଷ ଶ୍ରୀ ଜୟବ୍ରତ ଦେ ଏହି ସମସ୍ୟା ଗୁଡ଼ିକୁ ଆସନ୍ତାକାଲି ୮ ତାରିଖ ମଙ୍ଗଳବାର ଅନୁଷ୍ଠିତ ହେବାକୁ ଥିବା ଆରପିଡିଏସି ବୈଠକରେ ଏକ ଆପାତକାଳୀନ ଏଜେଣ୍ଡା ଭାବେ ସାମିଲ କରିବା ସହ ଘଟଣାର ତୁରନ୍ତ ଉଚ୍ଚସ୍ତରୀୟ ତଦନ୍ତ କରି କଠୋର ପଦକ୍ଷେପ ଗ୍ରହଣ କରିବାକୁ ଦୃଢ଼ ଦାବି କରିଛନ୍ତି ଓ ଅଭିଯୋଗ ଅନୁଯାୟୀ, ଶିଳ୍ପାନୁଷ୍ଠାନରୁ ନିର୍ଗତ ବିଷାକ୍ତ ଜଳ ଓ ବର୍ଜ୍ୟବସ୍ତୁ ସ୍ଥାନୀୟ ପରିବେଶକୁ ଦୂଷିତ କରିବା ସହ ହୀରାକୁଦ ଜଳ ଭଣ୍ଡାର ଉପରେ ଏହାର ଘାତକ ପ୍ରଭାବ ପକାଉଛି ଓ ଏହା ଦ୍ୱାରା ସ୍ଥାନୀୟ ଜଳସମ୍ପଦ ଏବଂ ଜନଜୀବନ ଗୁରୁତର ଭାବେ ପ୍ରଭାବିତ ହେବାର ଆଶଙ୍କା ଦେଖାଦେଇଛି। ଏହା ବ୍ୟତୀତ ପ୍ରଭାବିତ ଲୋକଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ନକରାଯିବା ଏବଂ ଓଡ଼ିଶା ସରକାରଙ୍କ ନିୟମ ଅନୁଯାୟୀ ସ୍ଥାନୀୟ ଯୁବକଯୁବତୀଙ୍କୁ ନିଯୁକ୍ତି ନମିଳିବା ନେଇ ଦୀର୍ଘ ଦିନ ହେବ ଅସନ୍ତୋଷ ପ୍ରକାଶ ପାଇଆସୁଛି ଓ ଶ୍ରୀ ଦେ ଚେତାବନୀ ଦେଇଛନ୍ତି ଯେ, ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ଯଦି ପ୍ରଶାସନ ତୁରନ୍ତ ଉଚ୍ଚସ୍ତରୀୟ ତଦନ୍ତ ନକରେ ଏବଂ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ବିରୋଧରେ କଠୋର ଆଭିମୁଖ୍ୟ ଗ୍ରହଣ ନକରେ, ତେବେ ଆଗାମୀ ଦିନରେ ଏହା ଏକ ବଡ଼ ଜନଆନ୍ଦୋଳନର ରୂପ ନେଇପାରେ। ସ୍ଥାନୀୟ ଲୋକଙ୍କ ସ୍ୱାର୍ଥ ରକ୍ଷା ଓ ପରିବେଶ ସୁରକ୍ଷା ପାଇଁ ଆରପିଡିଏସି ବୈଠକରେ ଏହାକୁ ପ୍ରାଥମିକତା ଦେବାକୁ ସେ ଉତରାଂଚଳ ରାଜସ୍ୱ କମିଶନଙ୍କୁ ଏକାଧିକ ଅଭିଯୋଗ ପତ୍ର ପ୍ରେରଣ ପୂର୍ବକ ଅନୁରୋଧ କରିଛନ୍ତି ।

# ଚରିତ୍ରଗତ ସନ୍ଦେହରେ ସ୍ତ୍ରୀ'କୁ ଛୁରି ଭୁସି ପଥରରେ ଛେଚି ହତ୍ୟା କଲା ସ୍ୱାମୀ
## ଅଭିଯୁକ୍ତ ଗିରଫ



ସମ୍ବଲପୁର,୮/୯(ନି/ପ୍ର): ସମ୍ବଲପୁର ଟାଉନ୍ ଥାନା ଅଂଚଳର ସେନ୍ ପାର୍କ ନିକଟରେ ନିଜ ସ୍ତ୍ରୀ'କୁ ହତ୍ୟା କରିଥିବା ଅଭିଯୋଗରେ ଅଭିଯୁକ୍ତ ସ୍ୱାମୀଙ୍କୁ ପୋଲିସ ଗିରଫ କରିଛି। ଏନେଇ ଟାଉନ୍ ଥାନାରେ ପୋଲିସ ୨୮୧/୨୬ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି । ପୋଲିସ ସୂଚନା ଅନୁଯାୟୀ ମୃତ ମହିଳା ୪୦ ବର୍ଷିୟା ହୀନା ବେଗମ୍ ଙ୍କୁ ହତ୍ୟା କରିଥିବା ନେଇ ମୃତା ମହିଳାଙ୍କ ସ୍ୱାମୀ ୪୫ ବର୍ଷିୟ ସୟଦ୍ ସମସାଦ୍ ଅଲୀକୁ ହତ୍ୟା ଅଭିଯୁକ୍ତ ଭାବେ ଗିରଫ କରାଯାଇଛି । ଗତ ସେପଟ୍ମେର ୫ ତାରିଖ ରାତି ସାଢେ ୯' ଟାରୁ ୧୦ଟା ମଧ୍ୟରେ ସମସାଦ୍ ନିଜ ସ୍ତ୍ରୀ' ହୀନାକୁ ସେନ୍ ପାର୍କ ସମ୍ମୁଖ ଭେଟେରିନାରୀ ଅଫିସ୍ ନିକଟ ଏକ ନିର୍ଜନ ସ୍ଥାନକୁ ଡାକି ନେଇଥିଲା । ସେଠାରେ ଆଉ କାହା ସହିତ ଅନୈତିକ ଶାରୀରିକ ସମ୍ପର୍କ ଥିବା ନେଇ ଗାଳିଗୁଲଜ କରିବା ପରେ ସେହିଠାରେ କୌଣସି ଧାରୁଆ ଅସ୍ତ୍ରରେ ଏକାଧିକ ଥର ଆକ୍ରମଣ କରିଥିଲା । ଏହି ଆକ୍ରମଣରେ ହୀନାର ମୁଣ୍ଡ, ହାତ ସମେତ ଶରୀରର ବିଭିନ୍ନ ସ୍ଥାନରୁ ପ୍ରବଳ ମାତ୍ରାରେ ରକ୍ତସ୍ରାବ ହେଉଥିବା ବେଳେ ନୃଶଂସତାର ଚରମ ସୀମାକୁ ଯାଇ ଏକ ବଡ଼ ପଥରରେ ହୀନାର ମୁଣ୍ଡକୁ ଛେଚି ଛେଚି ହତ୍ୟା କରିଥିଲା । ହୀନାକୁ ହତ୍ୟା କରିବା ପରେ ଅଭିଯୁକ୍ତ ସମସାଦ୍ ଘଟଣାସ୍ଥଳରେ ଅସ୍ତ୍ର ଓ ଅନ୍ୟାନ୍ୟ ସାମଗ୍ରୀ ଛାଡ଼ି ନିଜ ଘରକୁ ଫେରି ଆସିଥିଲା। ପରବର୍ତ୍ତୀ ସମୟରେ ସର୍ବସାଧାରଣରେ ନିଜ ସ୍ତ୍ରୀଙ୍କୁ ହତ୍ୟା କରିଥିବା ସମସାଦ୍ ସ୍ୱୀକାର କରିଥିଲା ବୋଲି ପୋଲିସ ପ୍ରେସ୍ ବ୍ରିଫ୍ରେ ଉଲ୍ଲେଖ କରିଛି। ପୋଲିସ ଅଭିଯୁକ୍ତ ସମସାଦକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଘଟଣାର ତଦନ୍ତ ଏବେ ବି ଜାରି ରଖିଥିବା ଜଣାପଡିଛି ।

# ଅଭିଯୋଗ କରିଲେ ମିଳୁନି ନ୍ୟାୟ:
## ସାମାଜିକ ସୁରକ୍ଷା ପାଇଁ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ କୀଟନାଶକ ଧରି ପହଚିଂଲେ



ରାୟଗଡ଼ା,୮/୯(ନି/ପ୍ର): ବାପା ଦାଦାଙ୍କ ଅମଳରୁ ଚାଷ କରୁଥିଲେ ସରକାରୀ ଜମିରେ ଓ କିନ୍ତୁ କିଛି ବର୍ଷ ହେଲା ଜମିକୁ ଜୋର ଜବରଦସ୍ତି ନେଇଯିବାକୁ ଚାହୁଁଛନ୍ତି କିଛି ଲୋକ ଓ ଏହାକୁ ବିରୋଧ କରିଲେ ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରୁଛନ୍ତି କିଛି ବ୍ୟକ୍ତି ଓ ଏନେଇ ପ୍ରଶାସନ ଠୁ ଆରମ୍ଭ କରି ପୁଲିସକୁ ଗୁହାରି କରୁଥିଲେ ମଧ୍ୟ କେହି ଶୁଣୁ ନାହାନ୍ତି ଓ ବରଂ ଦିନକୁ ଦିନ ଧମକ ଓ ଆକ୍ରମଣ ବଢୁଛି ଓ ଏନେଇ ପୂର୍ବ ଜିଲ୍ଲାପାଳଙ୍କୁ ମଧ୍ୟ ଅଭିଯୋଗ କରୁଛନ୍ତି, କିନ୍ତୁ ସମସ୍ୟାର ସମାଧାନ ହେଉନି ଓ ଆଜି ହତୋତ୍ସାହ ହୋଇ ପରିବାର ରାୟଗଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ କୀଟନାଶକ ଧରି ପହଚିଂ ଥିଲେ ଓ ଏଭଳି ଅଭାବନୀୟଦୃଶ୍ୟ ଦେଖିବାକୁ ମିଳିଥିଲା ଆଜି ରାୟଗଡ଼ା ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜୀବନ ହାରିବେ ବୋଲି କୋହଭରା କଣ୍ଠରେ କହିଛନ୍ତି। ନ୍ୟାୟ ନ ମିଳିଲେ କୀଟନାଶକ ପିଇ କରି ଜୀବନ ହାରିବେ ବୋଲି କୋହଭରା କଣ୍ଠରେ କହିଛନ୍ତି ରାୟଗଡ଼ା ବ୍ଲକ ଜମାଦେଇପେଣ୍ଠ ଗ୍ରାମର ୱାଇ ଗୋଙ୍ଗୁଲୁ ଓ ବର୍ଷ ବର୍ଷ ଧରି ପ୍ରଶାସନ ତାଙ୍କ ଅଭିଯୋଗକୁ ଦୃଷ୍ଟି ନଦେଉ ନଥିବା ଓ ଧମକ ବଢୁଥିବାରୁ ଆଜି ପୁରା ପରିବାର ଏଇଠି ଜୀବନ ହଓରିଦେବୁ ବୋଲି କହିଛନ୍ତି ଓ ଏହି ଘଟଣା ଚାଂଚଲ୍ୟ ସୃଷ୍ଟି କରିଛି ଓ କିଛି ଜମି ମାଫିଆ ଜମି ହଡପ କରିବାକୁ ଯୋଜନା କରି ଏଭଳି କରୁଥିବା ଅଭିଯୋଗ କରିଛନ୍ତି ପୀଡିତ ଗୋଙ୍ଗୁଲୁ ଓ ଏପରିକି ତାଙ୍କ ପରିବାରକୁ ଆକ୍ରମଣ କରାଯାଉଛି ବୋଲି ଅଭିଯୋଗ କରିଛନ୍ତି ପରିବାର ।

# ନବରଙ୍ଗପୁର ପୌର କାର୍ଯ୍ୟାଳୟରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର



ନବରଙ୍ଗପୁର,୮/୯(ନି/ପ୍ର): ଜନସାଧାରଣଙ୍କ ଅଭିଯୋଗ ଓ ସମସ୍ୟାର ତ୍ୱରିତ ତଥା ସମୟୋଚିତ ସମାଧାନ ଉଦ୍ଦେଶ୍ୟରେ ଆଜି ନବରଙ୍ଗପୁର ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ଏକ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଡ଼. ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧୀକ୍ଷକ ଶ୍ରୀ କାଶ୍ୟପ ପାର୍ଥ ଜଗଦୀଶଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡ଼. ପ୍ରମୋଦ କୁମାର ପୃଷ୍ଟି, ବନଖଣ୍ଡ ଅଧିକାରୀ ଶ୍ରୀ ଉଦୟନ୍ ସୁବୁଦ୍ଧି, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀ ବିରଚିଂ ନାରାୟଣ ଦରୱାନ, ଉପଜିଲ୍ଲାପାଳ ଶ୍ରୀ ପ୍ରକାଶ କୁମାର ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ। ଆଜିର ଶିବିରରେ ମୋଟ ୪୪ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୩୪ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୧୦ଟି ଗ୍ରାମ୍ୟ ସମସ୍ୟା ସମ୍ବନ୍ଧୀୟ ଅଭିଯୋଗ ରହିଥିଲା। ଅଭିଯୋଗଗୁଡ଼ିକ ମଧ୍ୟରେ ବ୍ୟକ୍ତିଗତ ସମସ୍ୟା ସହିତ ବିଭିନ୍ନ ସାମୂହିକ ଓ ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ବିଷୟ ଉପସ୍ଥାପିତ ହୋଇଥିଲା। ଜିଲ୍ଲାପାଳ ଡ଼. ମହେଶ୍ୱର ସ୍ୱାଇଁ ପ୍ରତ୍ୟେକ ଅଭିଯୋଗକାରୀଙ୍କ ସମସ୍ୟାକୁ ଧୈର୍ଯ୍ୟର ସହ ଶୁଣିବା ସହିତ ଅଭିଯୋଗର ପ୍ରକୃତି ଓ ତଥ୍ୟ ଅନୁଧ୍ୟାନ କରିଥିଲେ। ଅଭିଯୋଗଗୁଡ଼ିକର ନିୟମାନୁଯାୟୀ ଯାଂଚ କରି ତ୍ୱରିତ ଓ ସମୟସୀମା ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଏଥିସହିତ, ପୋଲିସ ସମ୍ପର୍କିତ ଅଭିଯୋଗଗୁଡ଼ିକୁ ଆରକ୍ଷୀ ଅଧୀକ୍ଷକ ଶ୍ରୀ କାଶ୍ୟପ ପାର୍ଥ ଜଗଦୀଶ ଶୁଣାଣି କରିଥିଲେ ଏବଂ ଆବଶ୍ୟକ ପଦକ୍ଷେପ ଗ୍ରହଣ ପାଇଁ ସମ୍ପୃକ୍ତ ପୋଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜନ ଅଭିଯୋଗ ଶୁଣାଣି ଶିବିର ମାଧ୍ୟମରେ ଜନସାଧାରଣ ସେମାନଙ୍କ ସମସ୍ୟାକୁ ଜିଲ୍ଲା ପ୍ରଶାସନର ଦୃଷ୍ଟିକୁ ସିଧାସଳଖ ଆଣିବା ସହିତ ଏହାର ସମାଧାନ ପାଇଁ ପ୍ରଶାସନିକ ସ୍ତରରେ ଆବଶ୍ୟକ ପଦକ୍ଷେପ ନିଆଯାଉଛି। ଏପରି ଶିବିର ମାଧ୍ୟମରେ ଲୋକାଭିମୁଖୀ, ପାରଦର୍ଶୀ ଓ ଉତ୍ତରଦାୟୀ ପ୍ରଶାସନ ସୁନିଶ୍ଚିତ କରିବା ସହିତ ଜନସାଧାରଣଙ୍କ ଅଭିଯୋଗର ତ୍ୱରିତ ନିରାକରଣ ଉପରେ ଜିଲ୍ଲା ପ୍ରଶାସନ ଗୁରୁତ୍ୱ ଦେଇଆସୁଛି।

# ସମର୍ପଣ ମଣ୍ଡଳସ୍ତରୀୟ ଶ୍ରୀ ଅରବିନ୍ଦ ମହିଳା ପାଠଚକ୍ର ଅନୁଷ୍ଠିତ

ଜୟପୁର,୮/୯(ନି/ପ୍ର): ସମର୍ପଣ ମଣ୍ଡଳସ୍ତରୀୟ ଶ୍ରୀ ଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀ, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଜଳସେଚନ ବସତି ଜୟପୁରଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ଡାଲିଯୋଡ଼ା ସାଧକ ପ୍ରଭାତ ଭାଇ ଏବଂ କଳାହାଣ୍ଡି ର ସାଧିକା ମାଳବିକା ଅପା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଦିବ୍ୟ ଉପସ୍ଥିତି ଏବଂ ଶ୍ରୀ ଅରବିନ୍ଦଙ୍କ ଯୋଗରେ ନାରୀର ସାଧନା ବିଷୟରେ ଆଲୋକପାତ କରିଥିଲେ। ସର୍ବପ୍ରଥମେ ମାତୃପତାକା ଉତୋଳନ କରାଯାଇଥିଲା। ତତ୍ ପରେ ମା ଶ୍ରୀ ଅରବିନ୍ଦଙ୍କ ଚରଣରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସସ୍ମିତା ଅପା ଦୁର୍ଗା ସ୍ତୋତ୍ର ପଠନ କରିଥିଲେ, ଧ୍ୟାନ ଓ ପ୍ରାର୍ଥନା ଶାନ୍ତି ଅପା, ମା ବହି ବିଜୟଲକ୍ଷ୍ମୀ ଅପା ପଠନ କରିଥିଲେ । ବିଦ୍ୟାଳୟର ଅପାମାନେ ସମବେତ ମାତୃସଙ୍ଗୀତ ଗାନ କରିଥିଲେ। ସଭାକାର୍ଯ୍ୟକୁ ଅସୋମ୍ବିତା ଅପା ପରିଚାଳନା କରିଥିଲେ। ସଂଯୁକ୍ତା ଅପା ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ମାଳବିକା ଅପା ତାଙ୍କର ବକ୍ତବ୍ୟରେ ଶ୍ରୀ ଅରବିନ୍ଦଙ୍କ ଯୋଗରେ ମହିଳାଙ୍କ ଭୂମିକା ଉପରେ ନିଜର ଓଜସ୍ୱୀ ଅଭିଭାଷଣ ରଖିଥିଲେ। ସଭାସ୍ଥଳକୁ ମୁଖରିତ କରିବା ପାଇଁ ନିହରିକା ଅପା ଏକ ମାତୃ ବନ୍ଦନା ଗାନ କରିଥିଲେ। ତତ୍ ପରେ ପ୍ରଭାତ ଭାଇ ତାଙ୍କର ବକ୍ତବ୍ୟ ରଖିଥିଲେ। ପରିଶେଷରେ ଗାୟତ୍ରୀ ଅପା ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୨୮୦ରୁ ଉର୍ଦ୍ଧ୍ୱ ସାଧକ ସାଧିକା ଭାଇ ଭଉଣୀ ବିଭିନ୍ନ ଅଂଚଳରୁ ଆସି ଯୋଗଦାନ କରିଥିଲେ। ଏହି ସଭା କାର୍ଯ୍ୟରେ ସଭାପତି ନିର୍ମଳ ଚନ୍ଦ୍ର ମଲ୍ଲିକ ଭାଇ, ଉପ ସଭାପତି ହରିହର ସାହୁ ଭାଇ, ସମ୍ପାଦକ ଚନ୍ଦ୍ର ଶେଖର ମହାପାତ୍ର ଭାଇ, ଅଧ୍ୟକ୍ଷା ଶ୍ରୀମତୀ ସୁଚିସ୍ମିତା ମହାନ୍ତି ଅପା, ଉପାଧ୍ୟକ୍ଷା ସଂଯୁକ୍ତା ପଟ୍ଟନାୟକ ଅପା, ଅରୁଣା ଅପା, ନିହାରିକା ଅପା, ସସ୍ମିତା ଅପା, ଶୁଭଶ୍ରୀ ଅପା, ଅଭିଲିପ୍ସା ଅପା, କଳ୍ପନା ଅପା, ସରୋଜିନୀ ଅପା, ସୌଦାମିନୀ ଅପା, ମାମାଲି ଅପା, ମନୋରଞ୍ଜନ ଭାଇ, ଓଁ ଭାଇ ଏବଂ ଅଶୋକ ଭାଇ ଉପସ୍ଥିତ ରହିଥିଲେ । ସମସ୍ତଙ୍କର ସହଯୋଗରେ କରୁଣାମୟୀ ମାଆ ଏବଂ ପରମପ୍ରଭୁ ଶ୍ରୀ ଅରବିନ୍ଦଙ୍କ ଅପାର କୃପାରୁ ସୁଚାରୁ ରୂପେ କାର୍ଯ୍ୟକ୍ରମଟି ସମ୍ପନ୍ନ ହୋଇଥିଲା ।

### ଫାଟିଥିବା ପାଇପରୁ ଡ୍ରେନକୁ ବୋହୁଛି ପିଇବା ପାଣି
# ଦୁଇ ବର୍ଷ ଧରି ଜଳ ସଙ୍କଟ, ପ୍ରଶାସନର ନିରବତାକୁ ନେଇ ଅସନ୍ତୋଷ

ଝାରସୁଗୁଡ଼ା, ୮/୯(ନି/ପ୍ର): ଝାରସୁଗୁଡ଼ା ଜିଲ୍ଲାର ପ୍ରାୟ ୪ ଲକ୍ଷ ୯୬ ହଜାର ୮୩୮ ଜଣ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ସରକାର କୋଟି କୋଟି ଟଙ୍କା ବ୍ୟୟରେ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ କରିଛନ୍ତି। ମାତ୍ର ପ୍ରଶାସନିକ ଅବହେଳା ଓ ରକ୍ଷଣାବେକ୍ଷଣ ଅଭାବରୁ ଅନେକ ଅଂଚଳରେ ଲୋକଙ୍କ ଘରେ ପାନୀୟ ଜଳ ପହଂଚୁନଥିବା ବେଳେ ଫାଟିଥିବା ପାଇପ୍ରୁ ବିଶୁଦ୍ଧ ଜଳ ଡ୍ରେନକୁ ବୋହି ନଷ୍ଟ ହେଉଛି। ୨୦୧୮ ଜୁଲାଇ ୨୭ରେ ବ୍ରଜରାଜନଗରଠାରେ ୩୨୪ କୋଟି ଟଙ୍କା ବ୍ୟୟରେ ଏହି ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଶୁଭାରମ୍ଭ ହୋଇଥିଲା। ହୀରାକୁଦ ଜଳଭଣ୍ଡାରରୁ ଜଳ ଆଣି ବନହରପାଲିଠାରେ ବିଶୋଧନ କରାଯାଇ ପ୍ରତିଦିନ ୧୦୦ ଲକ୍ଷ ଲିଟର ଜଳ ଯୋଗାଣର ବ୍ୟବସ୍ଥା କରାଯାଇଛି। ଏଥିରୁ ଝାରସୁଗୁଡ଼ା, ବ୍ରଜରାଜନଗର ଓ ବେଲପାହାଡ଼ ପୌରାଂଚଳକୁ ୫୦ ଲକ୍ଷ ଲିଟର ଏବଂ ଗ୍ରାମାଂଚଳକୁ ୫୦ ଲକ୍ଷ ଲିଟର ପାଣି ଯୋଗାଣର ଲକ୍ଷ୍ୟ ରହିଛି। ୱାଟକୋ ପକ୍ଷରୁ ଝାରସୁଗୁଡ଼ା ପୌର ପରିଷଦକୁ ୨୫ ଲକ୍ଷ, ବ୍ରଜରାଜନଗରକୁ ୧୩ ଲକ୍ଷ ଓ ବେଲପାହାଡ଼କୁ ୧୨ ଲକ୍ଷ ଲିଟର ପାଣି ଯୋଗାଇବାର ବ୍ୟବସ୍ଥା ହୋଇଛି। ତେବେ ପ୍ରକଳ୍ପ କାର୍ଯ୍ୟକାରୀ ହେବାର ବର୍ଷ ବିତିଯାଇଥିଲେ ମଧ୍ୟ ଅନେକ ଅଂଚଳରେ ନିୟମିତ ପାନୀୟ ଜଳ ଯୋଗାଣ ହୋଇପାରୁନାହିଁ। ଅନେକ ସ୍ଥାନରେ ପାଇପ୍ ବିଛାଇ ପ୍ରଶାସନ ଦାୟିତ୍ୱ ସାରିଦେଇଥିବା ଅଭିଯୋଗ ହୋଇଛି। ପାଇପ୍ରେ ତ୍ରୁଟି ଓ ଫାଟ ଯୋଗୁଁ ଜଳ ଯୋଗାଣ ବାଧାପ୍ରାପ୍ତ ହେବା ସହ ବହୁ ପରିମାଣର ବିଶୁଦ୍ଧ ଜଳ ଅଯଥାରେ ନଷ୍ଟ ହେଉଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟସ୍ଥ ୧୧ ନମ୍ବର ୱାର୍ଡର ବେହେରମାଲ ନୂଆପଡ଼ା ଅଂଚଳ ଏହାର ଏକ ଉଦାହରଣ। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଗତ ପ୍ରାୟ ଦୁଇ ବର୍ଷ ଧରି ଏଠାରେ ପାନୀୟ ଜଳ ଯୋଗାଣ ଠିକ୍ ଭାବେ ହେଉନଥିଲା।




# ପୂଜା ପାଇବେ ୨୨ଫୁଟ୍‌ର ମୂର୍ତ୍ତି, ପ୍ରସ୍ତୁତ ହେଉଛି ୧୫୦ ଫୁଟ ପେଣ୍ଡାଲ




ରାଉରକେଲା,୮/୯(ନି/ପ୍ର): ସିଭିଲ ଟାଉନସିପ୍ ସ୍ଥିତ ସିଭିଲ ଚାର୍ଜର୍ସ କ୍ଲବ ଆନୁକୂଲ୍ୟରେ ଚଳିତ ବର୍ଷ ୨୨ଫୁଟର ଶ୍ରୀ ଗଣେଶଙ୍କ ମୂର୍ତ୍ତି ଓ ୧୫୦ ଫୁଟ ପେଣ୍ଡାଲ ପ୍ରସ୍ତୁତ କରାଯାଉଛି। ଏନେଇ ସ୍ଥାନୀୟ ମଦର୍ଣ୍ଣ ପଡିଆ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସାମ୍ବାଦିକଙ୍କୁ ସୂଚନା ପ୍ରଦାନ କରି କୁହାଯାଇଛି ଯେ ଚଳିତ ବର୍ଷ କ୍ଲବ ତରଫରୁ ୧୯ ବର୍ଷରେ ପୂଜା ପଦାର୍ପଣ କରିଥିବା ବେଳେ ଏହାକୁ ଅଧିକ ଜାକଜମକରେ ପାଳନ କରିବା ପାଇଁ ନିଷ୍ପତି ନିଆଯାଇଛି। କଲିକତା ରୁ ଆସିଥିବା ପେଣ୍ଡାଲ ଓ ମୂର୍ତ୍ତି କାରିଗର ଦିନରାତି ଏକ କରି କାମରେ ଲାଗିଛନ୍ତି। ଚଳିତ ବର୍ଷ କାଚରେ ମୂର୍ତ୍ତି ଓ ପ୍ୟାରିସ ର ଡିଜିନିଓ୍ୱାଲ୍ଟ ଡିଜାଇନର ତୋରଣ ପ୍ରସ୍ତୁତ କରାଯାଉଛି ଯାହା ଶ୍ରଦ୍ଧାଳୁଙ୍କ ପାଇଁ ଶ୍ରେଷ୍ଠ ଆକର୍ଷଣ ହେବ। ଆସନ୍ତା ୧୪ ତାରିଖ ରୁ ଆରମ୍ଭ ହୋଇ ଅକ୍ଟୋବର ୧ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତ୍ୟେକ ଦିନ ନୃତ୍ୟ, ଡ୍ରଇଂ ପ୍ରତିଯୋଗିତା , ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ଏଥିପାଇଁ ପ୍ରାୟ ୪୦ରୁ ୫୦ ଲକ୍ଷ ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଛି। ବିଶ୍ୱଜିତ ତ୍ରିପାଠୀଙ୍କ ସଂଯୋଜନାରେ କ୍ଲବର ଅଧ୍ୟକ୍ଷ ପ୍ରମୋଦ ପ୍ରଧାନ, ସଭାପତି ପ୍ରତାପ ସାହୁ, ସାଧାରଣ ସଂପାଦକ ଦିପ୍ତି ରଞ୍ଜନ ପରିଡା,କାର୍ଯ୍ୟକାରୀ ସଭାପତି ପିଙ୍କୁ ଜୟସ୍ୱାଲ, ଉପଦେଷ୍ଟା ଅଜୟ ସିଂହଲ, ପ୍ରମୋଦ ନାୟକ,ପୁଷ୍ପା ଲେଙ୍କା, ସୁବାସ ପଣ୍ଡା, ଶ୍ରୀଧର ମଲ୍ଲିକ, ପ୍ରଦୀପ ଗୁପ୍ତା, ମନୋଜ ଜୈନ, ପ୍ରମୋଦ ଜୟସ୍ୱାଲ, ରମେନ୍ଦ୍ର ନାରାୟଣ ନାୟକ, ଦିଲ୍ଲିପ ମହାନ୍ତି, ବିଜୟ ଯୋଶୀ ପ୍ରମୁଖ ମଚାଂସୀନ ରହି ଏ ସମ୍ପର୍କରେ ସାମ୍ବାଦିକଙ୍କୁ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସର୍ବଶ୍ରୀ ରାଜେଶ ମଲ୍ଲିକ,ଆଶ୍ରିଦ ଦାସ, ସୁଭମ ନାୟକ, ଆୟୁଷ ଅଭିନନ୍ଦନ, ଅଂଶୁମାନ ସୁତାର, ସତ୍ୟ ମହାପାତ୍ର, ସ୍ମୃତି ମହାପାତ୍ର, ସନତ ଜେନା,ମତଞ୍ଜୟ ମାହନ୍ତ ଓ ଅନ୍ୟ ସଦସ୍ୟ ମାନେ ସହଯୋଗ କରିଥିଲେ।

# ରାଉରକେଲା ଅବକାରୀ ବିଭାଗ ପକ୍ଷରୁ ଚଢାଉ
## ୧୨ଟି ମାମଲା ଚିହ୍ନଟ, ୩ ଅଭିଯୁକ୍ତ ଗିରଫ



ରାଉରକେଲା,୮/୯(ନି/ପ୍ର): ରାଉରକେଲା ଅବକାରୀ ବିଭାଗ ପକ୍ଷରୁ ଅବକାରୀ ଅଧୀକ୍ଷକ ଧନେଶ୍ୱର ବରାଡଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ସ୍ଥାନରେ ଏନଫୋର୍ସମେଣ୍ଟ ଚଢାଉ କରାଯାଇଥିଲା। ଏହି ଚଢାଉ ସମୟରେ ମୋଟ ୧୨ଟି ଅବକାରୀ ମାମଲା ଚିହ୍ନଟ ହୋଇଥିଲା। ଏଥିରେ ୩୩୦ ଲିଟର ଆଇ.ଡି. ମଦ, ୨୨ ଲିଟର ଓ.ଏସ. ମଦ, ୨୧୫୦ ଲିଟର ଫର୍ମେଣ୍ଟେଡ୍ ୱାଶ୍ ଏବଂ ୩୦.୨୫ ବି.ଏଲ. ଡୁପ୍ଲିକେଟ୍ ବିଦେଶୀ ମଦ ଜବତ କରାଯାଇଥିଲା। ଏଥିସହିତ ଓଡି-୧୪ଏସ୍-୩୦୫୬ ପଞ୍ଜିକରଣ ନମ୍ବର ଥିବା ଗୋଟିଏ ସ୍କୁଟିକୁ ମଧ ଜବତ କରାଯାଇଥିଲା। ବେଆଇନ ମଦ ରଖିବା ଏବଂ ପରିବହନରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୁଦ୍ଧରେ ଅଧିକ ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଛି।

# ସପ୍ତମ ସମ୍ବଲପୁରୀ ନୃତ୍ୟ ଉତ୍ସବ

ରାଉରକେଲା,୮/୯(ନି/ପ୍ର): ସାମାଜିକ ଅନୁଷ୍ଠାନ ହାପି ମୋମେଣ୍ଟସ ଇଣ୍ଡିଆ ତରଫରୁ ସପ୍ତମ ସମ୍ବଲପୁରୀ ନୃତ୍ୟ ଉତ୍ସବ ୨୦୨୬ ସେକ୍ଟର ୨ ସ୍ଥିତ ସେହେନାଇ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କ ଆବାହକତ୍ୱ ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପଦେଷ୍ଟା ବରିଷ୍ଠ ସାମ୍ବାଦିକ ତଥା କବି କୁଞ୍ଜବିହାରୀ ରାଉତ ସଭାପତିତ୍ୱ କରିଥିଲାବେଳେ ବେଳେ ଅତିଥି ଭାବେ ଶିକ୍ଷାବିତ୍



ସୌଦାମିନୀ ସିଂହ,ମୁଦଗର କୋଚ୍ ବଲଭିନ୍ଦର ସୋହାଟି, ଅଧ୍ୟାପକ ସଞ୍ଜୟ କୁମାର ମହାପାତ୍ର,କବି ଅଭିରାମ ପ୍ରଧାନ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ସଂସ୍କୃତି ଓ ପରମ୍ପରା ଉପରେ କାର୍ଯ୍ୟକ୍ରମ ସହ ବିଭିନ୍ନ ପ୍ରତିଭାକୁ ଲୋକଲୋଚନରେ ଆଣିବାରେ ଅନୁଷ୍ଠାନ ସହାୟକ ହୋଇଥିବାରୁ ସାଧୁବାଦ ଦେଇଥିଲେ। ସମ୍ବଲପୁର, ରାଉରକେଲା ତଥା ବିଭିନ୍ନ ଅଞ୍ଚଳରୁ ପ୍ରତିଯୋଗୀ ମାନେ ସମ୍ବଲପୁରୀ ନୃତ୍ୟ, ମଡେଲିଙ୍ଗ ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏଥିରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ପ୍ରାରମ୍ଭରେ ଅଧ୍ୟକ୍ଷତା କରିଥିବା ଶ୍ରୀ ରାଉତ ଅନୁଷ୍ଠାନର ବିଭିନ୍ନ କାର୍ଯ୍ୟକ୍ରମ ଓ ଅଧ୍ୟକ୍ଷ ଶ୍ରୀ ପଣ୍ଡା ମଚଂ ସଂଯୋଜନା ସହ ଅନୁଷ୍ଠାନର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ କବି ଅଭିରାମ ପ୍ରଧାନ ଓ ଦିବାକର ଦାସ କବିତା ପାଠ କରିଥିଲେ। ପ୍ରତିଯୋଗିତା ଗୁଡିକରେ ରବର୍ଟ ହାଇଫିଲ,ପୂଜା ନାୟକ,ଦୀପକ ଶ୍ରେଷ୍ଠ ପ୍ରମୁଖ ବିଚାରକ ଦାୟିତ୍ୱ ତୁଲାଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସୁଚିତ୍ରା ଦର୍ଜୀ,ସତ୍ୟମ ମୋଦକ, ସସ୍ମିତା ପ୍ରଧାନ, ପ୍ରମୋଦ ଜଗଦ୍ଦେବ,ଆନା ମେରୀ ଥୋମାସ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ। ଶେଷରେ ଶ୍ରୀ ପଣ୍ଡା କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ୪୧ତମ ଜାତୀୟ ଚକ୍ଷୁଦାନ ପକ୍ଷ ପାଳିତ



ରାଉରକେଲା,୮/୯(ନି/ପ୍ର): ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପ୍ରାୟୋଜିତ ତଥା ରାଉରକେଲା ସରକାରୀ ଡାକ୍ତରଖାନା ର ଚକ୍ଷୁ ବିଭାଗ ଓ ଇସ୍ପାତ ଜେନେରାଲ ହସ୍ପିଟାଲର ଚକ୍ଷୁ ବିଭାଗର ମିଳିତ ଆନୁକୂଲ୍ୟରେ ୪୧ ତମ ଜାତୀୟ ଚକ୍ଷୁଦାନ ପକ୍ଷ ସ୍ଥାନୀୟ ସିଭିକ ସେଣ୍ଟର ଠାରେ ଅନୁଷ୍ଠିତ ହୋଇଯାଇଛି। ନିର୍ଦ୍ୱନ୍ଦରେ ଚକ୍ଷୁ ଦାନ କରନ୍ତୁ, ମୃତ୍ୟୁ ପରେ ମଧ ଆପଣଙ୍କ ଚକ୍ଷୁ ଦୁନିଆକୁ ଦେଖୁଥିବ ଥିମ୍ କୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ସ୍ୱତନ୍ତ୍ର ଅତିଥି ଭାବେ ଆରଜିଏଚ ର ଡେପୁଟି ସୁପରିଟେଣ୍ଡେଟ ଡାକ୍ତର ପଣ୍ଡିତ ସାହୁ,ଆଇଜିଏଚର ଭାରପ୍ରାପ୍ତ ନିର୍ଦ୍ଦେଶକ ଡାକ୍ତର ଜୟନ୍ତ ଆଚାର୍ଯ୍ୟ,ଆଇଏମଏର ସଭାପତି ଡାକ୍ତର ଅମିତ ମହାପାତ୍ର,ଆରଜିଏଚ ଚକ୍ଷୁ ବିଭାଗର ମୁଖ୍ୟ ଡାକ୍ତର ସମୀର ପାତ୍ର ଓ ଆଇଜିଏଚ ର ଚକ୍ଷୁ ବିଭାଗର ମୁଖ୍ୟ ଡାକ୍ତର ଅନିମା ଟିଗା ପ୍ରମୁଖ ଯୋଗଦେଇ ଚକ୍ଷୁ ସମ୍ବନ୍ଧୀୟ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ଅତିଥି ଶ୍ରୀ ନାୟକ ଏହି ଅବସରରେ କହିଲେ ଯେ ସେ ଜିଲ୍ଲାର ବହୁ ଉପାନ୍ତ ଅଞ୍ଚଳ ବୁଲି ସେଠାରେ ଚକ୍ଷୁ ଶିବିର କରିଛନ୍ତି। ଯେତେବେଳେ ଶିବିରରେ ଜଣେ ବ୍ୟକ୍ତିକୁ ଚଷମା ଟେ ଦିଆଯାଏ ସେତେବେଳେ ସେମାନଙ୍କ ଖୁସି ଦେଖି ମନରେ ଆତ୍ମସନ୍ତୋଷ ମିଳିଥାଏ। ତେବେ ସେ ଏଥିପାଇଁ ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍ୱତନ୍ତ୍ର ଅତିଥି ଡାକ୍ତର ସାହୁ ତାଙ୍କ ବକ୍ତବ୍ୟରେ କହିଲେ ଯେ ଆରଜିଏଚ ରେ ୩୭ ଜଣଙ୍କର କର୍ଣ୍ଣିଆ ପ୍ରତ୍ୟାରୋପଣ କରାଯାଇଛି। ସେଥି ମଧ୍ୟରୁ ଜଣଙ୍କର ଅସଫଳ ହୋଇଛି। ତେବେ ସରକାର ଅନ୍ଧତ୍ୱ ଦୂର କରିବା ପାଇଁ ବହୁ ଯୋଜନା କରିଛନ୍ତି। ଅନ୍ୟତମ ଅତିଥି ଡାକ୍ତର ଆଚାର୍ଯ୍ୟ ତାଙ୍କ ବକ୍ତବ୍ୟରେ କହିଲେ ଯେ ଚକ୍ଷୁ ଦାନ ଏକ ସମ୍ବେଦନଶୀଳ ନିଷ୍ପତି। ଜଣେ ଚକ୍ଷୁଦାନ କଲେ ଦୁଇଜଣ ଦୁନିଆକୁ ଦେଖିପାରିବେ। ଅତିଥି ଡାକ୍ତର ମହାପାତ୍ର ତାଙ୍କ ବକ୍ତବ୍ୟରେ ଛାତ୍ର ଛାତ୍ରୀ ମାନଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରିବା ଏକ ଭଲ ପଦକ୍ଷେପ। ସେମାନଙ୍କ ମାଧ୍ୟମରେ ଏ ସମ୍ପର୍କରେ ସଚେତନତା ବାର୍ତ୍ତା ସମାଜରେ ପହଚିଂ ପାରିବ ବୋଲି ମତ ରଖିଥିଲେ। ଆରଜିଏଚ୍‌ର ଡାକ୍ତର ପାତ୍ର ନିଜର ଅଭିଜ୍ଞତା ସହ ଆରଜିଏଚ ରେ ମିଳୁଥିବା ସୁବିଧା ଓ କେବେଠାରୁ ଆରମ୍ଭ ହେଲା ସେ ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ। ଆଇଜିଏଚ ର ଡାକ୍ତର ଟିଗା ଚକ୍ଷୁ ଦାନ ସମ୍ପର୍କରେ ତଥ୍ୟ ଭିନ୍ନିକ ଆଲୋଚନା କରିଥିଲେ। ଏହି ଅବସରରେ ବିଭିନ୍ନ ସ୍କୁଲ ର ଛାତ୍ର ଛାତ୍ରୀ ମାନେ ଚକ୍ଷୁ ଦାନ ସମ୍ପର୍କରେ ବକ୍ତୃତା ପ୍ରଦାନ କରିଥିବାବେଳେ କର୍ଣ୍ଣିଆ ପ୍ରତ୍ୟାରୋପଣ ଏବଂ ଚକ୍ଷୁ ସଂଗ୍ରହ ନେଇ ପ୍ରମୁଖ ଭୂମିକା ନିର୍ବାହ କରିଥିବା ଆରଜିଏଚ ଓ ଆଇଜିଏଚ ର ଚକ୍ଷୁ ବିଭାଗର ପାରା ମେଡିକାଲ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଡାକ୍ତର ଆନନ୍ଦିତା ଦେବତା ମଚଂ ସଂଯୋଜନା କରିଥିବାବେଳେ ବିଭିନ୍ନ ମେଡିକାଲ ର ତଥା ବହୁ ଚକ୍ଷୁ ବିଶେଷଜ୍ଞ ମାନେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ନର୍ସିଂ ଛାତ୍ରୀ ମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ।

# ରାଉରକେଲାର ଶ୍ରୀ ଶ୍ୟାମ କୃପା କୀର୍ତ୍ତନରେ ନୃତ୍ୟ କଲେ ଶ୍ୟାମ ଭକ୍ତ



ରାଉରକେଲା,୮/୯(ନି/ପ୍ର): ଜୟ ଶ୍ରୀ ଶ୍ୟାମ ସେବା ସଂଘ ଦ୍ୱାରା ଆୟୋଜିତ ମାସିକ ଶ୍ରୀ ଶ୍ୟାମ କୃପା କୀର୍ନ୍ତନ ରାଉରକେଲା ସହର ମୁଖ୍ୟ ରାସ୍ତାର ଜ୍ଞାନ ଆକାଶ କମ୍ପ୍ଲେକ୍ସରେ ଏକ ଭକ୍ତିପୂର୍ଣ୍ଣ ପରିବେଶରେ ଶେଷ ହୋଇଯାଇଛି। ଏହି ଅବସରରେ ଶ୍ୟାମ ବାବାଙ୍କୁ ସୁନ୍ଦର ଫୁଲରେ ସଜ୍ଜିତ କରାଯାଇଥିଲା। ଦିବ୍ୟ ପ୍ରଦୀପ ପ୍ରଜ୍ୱଳନ କରାଯାଇ ଛପନ ଭୋଗ ନୈବେଦ୍ୟ ଅର୍ପଣ କରାଯାଇଥିଲା, ଯାହା ଭକ୍ତମାନଙ୍କୁ ଆକର୍ଷିତ କରିଥିଲା। ସନ୍ଧ୍ୟା ୭ଟାରେ ଗଣେଶ ବନ୍ଦନା ପରେ, ଭଜନ ଅଧିବେଶନ ଆରମ୍ଭ ହୋଇଥିଲା। କୋଲକାତାର ଭଜନ ଗାୟକ ଲଭ ଅଗ୍ରୱାଲ, ଶ୍ୱେତା କୌଶିକ, ଏବଂ ସ୍ଥାନୀୟ ଭଜନ ଗାୟକ ରମଣ ଗଙ୍ଗାୱତ ଏବଂ ନ୍ୟାସ ଅଗ୍ରୱାଲ ସେମାନଙ୍କର ଭଜନ ପରିବେଷଣରେ ଭକ୍ତମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଭକ୍ତମାନେ ଭଜନରେ ନୃତ୍ୟ କରିଥିଲେ ଏବଂ ଶ୍ୟାମ ବାବାଙ୍କ ଭକ୍ତିରେ ବୁଡ଼ି ଯାଇଥିଲେ। ଏହି କାର୍ଯ୍ୟକ୍ରମରେ ବିକାଶ ବଂଶଲ (ବୀରମିତ୍ରପୁରରୁ) ଆବାହକ ଭାବରେ ଯୋଗ ଦେଇଥିଲେ। ଭଜନ ଗାୟକ ଲଭ ଅଗ୍ରୱାଲଙ୍କୁ ଆୟୋଜକମାନେ ମାଲ୍ୟାର୍ପଣ କରି ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ, ଶ୍ୟାମ ରସୋଇ ଆକାରରେ ମହାପ୍ରସାଦ ବଣ୍ଟନ କରାଯାଇଥିଲା, ଯାହାକୁ ଭକ୍ତମାନେ ଶ୍ରଦ୍ଧାର ସହିତ ଗ୍ରହଣ କରିଥିଲେ। ରାଉରକେଲା, ବିସ୍ରା, ବୀରମିତ୍ରପୁର ଏବଂ ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟକ ଶ୍ୟାମ ଭକ୍ତ ଏହି ମାସିକ ଭଜନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ଶହୀଦ ଦିବସ ପାଳନ ପ୍ରସ୍ତୁତି ବୈଠକ

ଭଦ୍ରକ,୮/୯(ନି/ପ୍ର): ୧୯୪୨ ମସିହା ସେପ୍ଟେମ୍ବର ୨୨ ତାରିଖରେ ସଂଘଠିତ ଐତିହାସିକ ଲୁଣିଆ ଗୁଳିକାଣ୍ଡର ସ୍ମୃତି ଶହୀଦ ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ସୋମବାର ସନ୍ଧ୍ୟାରେ ଧାମନଗର ବ୍ଲକର ଶହୀଦ ନଗର ହାଇସ୍କୁଲ ଠାରେ ଅନୁଷ୍ଠିତ ହୋଇଯାଇଛି।ଶହୀଦ ସ୍ମୃତି ରକ୍ଷା ସମିତିର ଉପସଭାପତି ସାମ୍ବାଦିକ ବୈକୁଣ୍ଠ ନାଥ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଚଳିତ ମାସ ୨୨ ତାରିଖ ଦିନ ପାଳିତ ହେବାକୁ ଥିବା ୮୪ତମ ସ୍ମାରକୀ ଦିବସର ସଫଳ ଓ ସୁନ୍ଦର ଆୟୋଜନ ସମ୍ପର୍କରେ ଆଲୋଚନା ହୋଇଥିଲା।ପାରମ୍ପରିକ କାର୍ଯ୍ୟକ୍ରମ ସହିତ ସାଧାରଣ ସଭା ରାଜ୍ୟସ୍ତରୀୟ ସାଂସ୍କୃତିକ ଉତ୍ସବ ପୂଜ୍ୟପୂଜା ରକ୍ତଦାନ ଶିବିର ସ୍କୁଲ କଲେଜ ଛାତ୍ରଛାତ୍ରୀଙ୍କୁ ନେଇ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା କ୍ରାନ୍ତି କବିତା ପାଠୋତ୍ସବ ଆଦି ଆୟୋଜନ କରିବାକୁ ନିଷ୍ପତି ନିଆଯାଇଛି।ଶହୀଦ ସ୍ମୃତି ପୀଠର ବିକାଶ କାର୍ଯ୍ୟ ଆରମ୍ଭ ଏବଂ ଶହୀଦ ଦିବସକୁ ଭବ୍ୟ ରୂପ ଦେଇଥିବାରୁ ଶହୀଦ ସ୍ମୃତି ରକ୍ଷା ସମିତିର ସଭାପତି ଧାମନଗର ବିଧାୟକ ତଥା ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ବୈଠକରେ ସାଧୁବାଦ ଅର୍ପଣ କରାଯାଇଥିଲା।ଉପଦେଷ୍ଟା ରଘୁନାଥ ଲେଙ୍କା,ସାଧାରଣ ସମ୍ପାଦିକା ପ୍ରଧାନ ଶିକ୍ଷୟିତ୍ରୀ ପ୍ରିୟତମା ପାଣିଗ୍ରାହୀ,ପ୍ରାକ୍ତନ ସରପଂଚ ରାଜେନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# କର୍ମବୀର ବସନ୍ତ କୁମାର ବିଶ୍ୱାଳଙ୍କ ୨୩ତମ ଶ୍ରାଦ୍ଧବାର୍ଷିକୀ ପାଳିତ

କେନ୍ଦ୍ରାପଡ଼ା,୮/୯(ନି/ପ୍ର): ଆଧୁନିକ ଓଡ଼ିଶା ଗଠନର ଅନ୍ୟତମ ବିନ୍ଧାଣୀ, କର୍ମବୀର ତଥା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଶ୍ରୀ ବସନ୍ତ କୁମାର ବିଶ୍ୱାଳଙ୍କ ୨୩ତମ ଶ୍ରାଦ୍ଧବାର୍ଷିକୀ ଭାଗବତ ପ୍ରସାଦ ମହାନ୍ତି ଟ୍ରଷ୍ଟ ପକ୍ଷରୁ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ତାଙ୍କର ଅମ୍ଲାନ ସ୍ମୃତିଚାରଣ ସହ ଜନସେବା, ରାଜନୈତିକ ଦୂରଦୃଷ୍ଟି ଏବଂ କେନ୍ଦ୍ରାପଡ଼ା ଓ ଓଡ଼ିଶା ପ୍ରତି ତାଙ୍କର ଅବିସ୍ମରଣୀୟ ଅବଦାନକୁ ସ୍ମରଣ କରାଯାଇଥିଲା। ସକାଳେ ନୂଆ ବସ୍‌ଷ୍ଟାଣ୍ଡ ନିକଟସ୍ଥ ଶନିଘାଟଠାରେ ତିଳତର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ବସ୍‌ଷ୍ଟାଣ୍ଡଠାରେ ସ୍ଥାପିତ ସ୍ୱର୍ଗତ ବିଶ୍ୱାଳଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧା ଓ ସମ୍ମାନ ଜ୍ଞାପନ କରାଯାଇଥିଲା। ଏହାପରେ ଭାଗବତ ପ୍ରସାଦ ମହାନ୍ତିଙ୍କ ବାସସ୍ଥାନଠାରେ ଏକ ଭାବଗମ୍ଭୀର ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଟ୍ରଷ୍ଟର ସଭାପତି ଶ୍ରୀ ଗୁରୁ ପ୍ରସାଦ ମହାନ୍ତିଙ୍କ ନିର୍ଦ୍ଦେଶନାରେ ପ୍ରତିଭା ପୂଜା ସଂସଦର ସଭାପତି ଶ୍ରୀ ପ୍ରଦୀପ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। କାର୍ଯ୍ୟକାରୀ ସଭାପତି ତଥା ପୌର ସଭାର ବିରୋଧୀ ଦଳ ନେତା ଶ୍ରୀ ଶରତ କୁମାର ବେହୁରାଙ୍କ ପ୍ରଯୋଜନାରେ ସ୍ୱାଗତ ଭାଷଣ ପ୍ରଦାନ କରି ସ୍ୱର୍ଗତ ବିଶ୍ୱାଳଙ୍କ ଜୀବନାଦର୍ଶ, ଜନସେବା ଓ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ସଭାରେ ଶ୍ରୀ ସୁଶୀଲ କୁମାର ସାମଲ, ସଦସ୍ୟ ମୁକ୍ତାର ଖାଁ, ଗୁଣନିଧି ଜଗତି, କୃଷ୍ଣ ପ୍ରସାଦ ଦାସ, ପୂର୍ବତନ ପୌରପାଳ ଶ୍ରୀ ଆକବର ଅଲ୍ଲୀ, ବରିଷ୍ଠ କଂଗ୍ରେସ ନେତା ଶ୍ରୀ ପ୍ରଫୁଲ୍ଲ କୁମାର ଦାସ, ଶ୍ରୀ ବସନ୍ତ କୁମାର ସେଠୀ, ଶ୍ରୀ ବଂଶୀଧର ମହାନ୍ତି, ସମାଜସେବୀ ଶ୍ରୀ ଗୋଲେଖ ପଡ଼ିହାରୀ, ଡା. ଚୈତନ୍ୟ ଚରଣ ପରିଡ଼ା, ଶ୍ରୀ ପୀତବାସ ବେହେରା, ବରିଷ୍ଠ ସାମ୍ବାଦିକ ଶ୍ରୀ ପରେଶ ଦାସ, ଶ୍ରୀ ସନ୍ତୋଷ କୁମାର ବେହେରା ପ୍ରମୁଖଙ୍କ ସମେତ ରବି ନାରାୟଣ ଦାସ, ସଂଗ୍ରାମ ଜେନା, ରଜ କିଶୋର ରାଉତରାୟ, ସୁରେଶ ମର୍ଦ୍ଦରାଜ, ବିଜୟ ଜେନା, ତପୁ ରାଉତରାୟ, ନାରାୟଣ ବାରିକ, ରାମଚନ୍ଦ୍ର ପ୍ରଧାନ, ପ୍ରଶାନ୍ତ ପାତ୍ର, ଭାବଗ୍ରାହୀ ତ୍ରିପାଠୀ, ପ୍ରୀତି ରଞ୍ଜନ ବେହୁରା, ପୁଅ ମାନସିଂହ, ଚିତ ରଞ୍ଜନ ବଳ, ପ୍ରହଲ୍ଲାଦ ଲେଙ୍କା, ପ୍ରମୋଦ କୁମାର ମହାନ୍ତି, ସଞ୍ଜୀବ ବିଶ୍ୱାଳ, ରଞ୍ଜନ ନାୟକ, ହରେକୃଷ୍ଣ ବେହେରା ଓ ରମାକାନ୍ତ ନାୟକ ,ପ୍ରମୁଖ ଯୋଗ ଦେଇଥିଲେ।ଉପସ୍ଥିତ ବକ୍ତାମାନେ ସ୍ୱର୍ଗତ ବସନ୍ତ କୁମାର ବିଶ୍ୱାଳଙ୍କ ବହୁମୁଖୀ ପ୍ରତିଭା, ଦୃଢ଼ ନେତୃତ୍ୱ, ରାଜନୈତିକ ଦୂରଦୃଷ୍ଟି ଓ ଜନସେବାର ଅନନ୍ୟ ଅବଦାନ ଉପରେ ଆଲୋକପାତ କରିଥିଲେ। ବିଶେଷକରି କେନ୍ଦ୍ରାପଡ଼ାର ସାମାଜିକ, ଶିକ୍ଷା, ଯୋଗାଯୋଗ ଓ ସାମଗ୍ରିକ ବିକାଶ କ୍ଷେତ୍ରରେ ତାଙ୍କର ଅବଦାନ, କୃତି ଓ କୀର୍ତ୍ତି ସମ୍ପର୍କରେ ସ୍ମୃତିଚାରଣ କରାଯାଇଥିଲା। ବକ୍ତାମାନେ କହିଥିଲେ ଯେ, ବସନ୍ତ କୁମାର ବିଶ୍ୱାଳ କେବଳ ଜଣେ ରାଜନେତା ନଥିଲେ; ସେ ଥିଲେ ଜନସାଧାରଣଙ୍କ ସୁଖଦୁଃଖର ସାଥୀ ଓ କେନ୍ଦ୍ରାପଡ଼ାର ବିକାଶ ପାଇଁ ନିରନ୍ତର ସଂଗ୍ରାମ କରିଥିବା ଜଣେ ଜନନାୟକ। ତାଙ୍କର ଜନମୁଖୀ ଚିନ୍ତାଧାରା, ସାଧାରଣ ଲୋକଙ୍କ ପ୍ରତି ଆତ୍ମୀୟତା ଓ ଅଂଚଳର ବିକାଶ ପାଇଁ ତାଙ୍କର ନିଷ୍ଠା ତାଙ୍କୁ ଆଜି ମଧ ଲୋକମାନଙ୍କ ହୃଦୟରେ ଅମର କରି ରଖିଛି। ତାଙ୍କ ଜୀବନ ଓ ଆଦର୍ଶ ଆଗାମୀ ପିଢ଼ି ପାଇଁ ସଦା ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ମତ ପ୍ରକାଶ ପାଇଥିଲା।ସଭାପତି ଶ୍ରୀ ପ୍ରଦୀପ କୁମାର ମହାନ୍ତି ତାଙ୍କ ଅଭିଭାଷଣରେ କହିଥିଲେ ଯେ, କର୍ମବୀର ବସନ୍ତ କୁମାର ବିଶ୍ୱାଳଙ୍କ ଭଳି ଜଣେ ଜନନାୟକଙ୍କ ସ୍ମୃତିକୁ ଚିରସ୍ଥାୟୀ କରିବା ଆମ ସମସ୍ତଙ୍କର ଦାୟିତ୍ୱ। ତାଙ୍କର କର୍ମମୟ ଜୀବନ ଓ ଆଦର୍ଶକୁ ନୂତନ ପିଢ଼ି ନିକଟରେ ପହଂଚାଇବା ଆବଶ୍ୟକ। ସେହି ଉଦ୍ଦେଶ୍ୟରେ ଆଗାମୀ ବର୍ଷଠାରୁ ଏହି ଶ୍ରଦ୍ଧାଞ୍ଜଳି ସଭାକୁ ଆହୁରି ବ୍ୟାପକ ରୂପ ଦେଇ ଜିଲ୍ଲାସ୍ତରରେ ଧୁମ୍ଧାମରେ ପାଳନ କରାଯିବା ପାଇଁ ସମସ୍ତଙ୍କ ସହଯୋଗ ଓ ସହଭାଗିତା କାମନା କରିଥିଲେ। ଶେଷରେ ଶ୍ରୀ କମଳ କାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ଭାଗବତ ପ୍ରସାଦ ମହାନ୍ତିଙ୍କ ବାସସ୍ଥାନଠାରେ ଏକ ଭାବଗମ୍ଭୀର ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା।

# ସେଲ୍‌ର ତରଙ୍ଗ ୩.୦ ଲିଡରସିପ୍ ପ୍ରୋଗ୍ରାମରେ ଆରଏସପି ଅଧିକାରୀଙ୍କ ନେତୃତ୍ୱ ଏବଂ ସହଯୋଗୀ ଚିନ୍ତନ ଦୃଢ଼ିଭୂତ




ରାଉରକେଲା,୮/୯(ନି/ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ର ୫ ଜଣ ମନୋନୀତ ଅଧିକାରୀ ମଇ ମାସରୁ ଅଗଷ୍ଟ ପର୍ଯ୍ୟନ୍ତ ୫ଟି ପର୍ଯ୍ୟାୟରେ ମ୍ୟାନେଜମେଣ୍ଟ ଟ୍ରେନିଂ ଇନଷ୍ଟିଚ୍ୟୁଟ୍ (ଏମ.ଟି.ଆଇ), ରାଚିଂ ଦ୍ୱାରା ଏସଏଚଆରଏମ ସହଯୋଗରେ ଆୟୋଜିତ ସେଲ୍‌ର ଲିଡରସିପ୍ ଡେଭେଲପମେଣ୍ଟ ପ୍ରୋଗ୍ରାମ ତରଙ୍ଗ ୩.୦ରେ ନିଜର ସ୍ୱତନ୍ତ୍ର ଉପସ୍ଥିତି ଜାହିର କରିଛନ୍ତି । ଆରଏସପିରୁ ସହକାରୀ ମହାପ୍ରବନ୍ଧକ (ଏଚଏସଏମ-୨) ଶ୍ରୀ ଧନଞ୍ଜୟ ପ୍ରଦୀପ, ବରିଷ୍ଠ ପ୍ରବନ୍ଧକ (ୱାଟର ମ୍ୟାନେଜମେଣ୍ଟ), ଶ୍ରୀ ଦୀପକ ଗର୍ଗ, ବରିଷ୍ଠ ପ୍ରବନ୍ଧକ (ନ୍ୟୁ ପ୍ଲେଟ୍ ମିଲ୍), ଶ୍ରୀ ଅଭିଜିତ୍ ପଟ୍ଟନାୟକ, ବରିଷ୍ଠ ପ୍ରବନ୍ଧକ (ଏସଏମଏସ-୨) ଶ୍ରୀ ବିଭୂ ପ୍ରସନ୍ନ ସାହୁ ଏବଂ ଉପପ୍ରବନ୍ଧକ (ଇନ୍‌ଷ୍ଟ୍ରୁମେଣ୍ଟେସନ୍ ଆଣ୍ଡ ଅଟୋମେସନ୍) ଶ୍ରୀ ଅଜୟ କୁମାର ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀ ଅଜୟ କୁମାର ସମଗ୍ର ସ୍ତରରେ ୩ୟ ସ୍ଥାନ ହାସଲ କରିଥିବାବେଳେ ତାଙ୍କର ଆକ୍ସନ୍ ଲର୍ନିଂ ପ୍ରୋଜେକ୍ଟ (ଏ.ଏଲ.ପି) "ପି.ବି.ଏସ -ସାରଥୀ – ସେଣ୍ଟ୍ରାଲାଇଜଡ୍ ନଲେଜ୍ ଆଣ୍ଡ ଟ୍ରବଲସୁଟିଂ ମ୍ୟାନେଜମେଣ୍ଟ ସିଷ୍ଟମ୍ ଫର୍ କ୍ରିଟିକାଲ୍ ପି.ବି.ଏସ ଅଟୋମେସନ୍ ଇନ୍‌ଫ୍ରାଷ୍ଟ୍ରକ୍ଚର" ମଧ ସମସ୍ତ ଅଂଶଗ୍ରହଣକାରୀ ପ୍ରୋଜେକ୍ଟଗୁଡ଼ିକ ମଧ୍ୟରେ ୨ୟ ସ୍ଥାନ ଅଧିକାର କରିଥିଲା । ଉଲ୍ଲେଖଯୋଗ୍ୟ ଯେ, ତରଙ୍ଗ ୩.୦ ରେ ସମଗ୍ର ସେଲ୍‌ରୁ ମନୋନୀତ ୧୯୧ ଜଣ ଅଫିସରଙ୍କ ମଧ୍ୟରୁ ୨୯ ଜଣଙ୍କୁ ଚୟନ କରାଯାଇ ଏକତ୍ରିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ନେତୃତ୍ୱରେ ମୁଁ ରୁ ଆମେ ଆଡ଼କୁ ପରିବର୍ତ୍ତନ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିଥିଲା — ଅର୍ଥାତ୍ ବ୍ୟକ୍ତିଗତ ସମସ୍ୟା ସମାଧାନରୁ ଊର୍ଦ୍ଧ୍ୱକୁ ଯାଇ ଟିମ୍‌କୁ ସଶକ୍ତ କରିବା, ବିଶ୍ୱାସ କୁ ମଜବୁତ କରିବା, ମାଲିକାନା ଅଂଶୀଦାର କରିବା ଏବଂ ମିଳିତ ଉଦ୍ୟମ ରେ ସମସ୍ୟାର ସମାଧାନ ଖୋଜିବା। ପ୍ରାୟୋଗିକ ଶିକ୍ଷଣ, ସହକର୍ମୀଙ୍କ ସହ ଆଲୋଚନା ଏବଂ ଆକ୍ସନ୍ ଲର୍ନିଂ ପ୍ରୋଜେକ୍ଟ ମାଧ୍ୟମରେ, ଅଂଶଗ୍ରହଣକାରୀମାନେ କାର୍ଯ୍ୟକ୍ଷେତ୍ରର ବାସ୍ତବ ଆହ୍ୱାନଗୁଡ଼ିକ ଉପରେ କାର୍ଯ୍ୟ କରିବା ସହ ଷ୍ଟ୍ରାଟେଜିକ୍ ଥିଙ୍କିଂ, ଡିଜାଇନ୍ ଥିଙ୍କିଂ, ଡାଟା-ଡ୍ରିଭେନ୍ ଡିସିସନ୍-ମେକିଂ, କୋଚିଂ ଏବଂ ଚେଞ୍ଜ ମ୍ୟାନେଜମେଣ୍ଟ ଭଳି ଅବଧାରଣାଗୁଡ଼ିକୁ ପ୍ରୟୋଗ କରିଥିଲେ। ତରଙ୍ଗ ୩.୦ ଏପରି ଏକ ନେତୃତ୍ୱ ଦୃଷ୍ଟିକୋଣକୁ ସୁଦୃଢ଼ କରିଛି ଯାହା ;ମୁଁ ଏହାର ସମାଧାନ କରିପାରିବିରୁ ଆମେ ମିଳିତ ରୂପେ ଏହାର ଉତମ ସମାଧାନ କରିପାରିବା ଆଡ଼କୁ ଅଗ୍ରସର ହୁଏ; ଯାହା ଆରଏସପିରେ ବ୍ୟକ୍ତିଗତ ଦକ୍ଷତା ବୃଦ୍ଧି କରିବା ସହ ମଜବୁତ ଟିମ୍ ଏବଂ ସାମୂହିକ ଦାୟିତ୍ୱବୋଧ ଗଠନ କରୁଛି।